ସେଇ ଶୀତ ସକାଳ, ସୋରିଷର ଫୁଲ
କୁହୁକୁହୁ ଶୁଭେ କୋଇଲିର ଶବ୍ଦ
ଗଛଡ଼ାଳେ ଦିଶେ ହଳଦୀ ବସନ୍ତ
ମାଟିର ପର୍ବ ରଜ
ଚଳାଚକା ଭଉଁରୀ ର ଖେଳ , ରଜ ଦୋଳି ମଉଜ
ପରମ୍ପରା ବସୁମତୀ ସ୍ନାନର
ଶସ୍ୟଶ୍ୟାମଳା ବସୁଧାର ଆମନ୍ତ୍ରଣ
ଏକ ପ୍ରୟାସ ଏହି ସୁବର୍ଣ୍ଣ ବସୁଧାର ସୁରକ୍ଷା
ଲିପିବଦ୍ଧ ହେଇଥାଉ ସ୍ୱର୍ଣ୍ଣାକ୍ଷରରେ.....
କିମ୍ବଦନ୍ତୀ ପୃଷ୍ଠାରେ....



## ଶ୍ରୁତି ସ୍ମୃତି ତ୍ରିନାଥ ଭଜନ

ନିତାଇଗୌର ପ୍ରେମଚାନ୍ଦ ମହାଳିକ

ଅହେ ବ୍ରହ୍ମା ବିଷ୍ଣୁ ମହେଶ, ତୁମକୁ ମୁଁ କେମିତି ଚିଂତିବି କୁହ I
ଉଦଗିଥ ମନ୍ତ୍ରର ସିନା ଶୁଣିଚି, କିପରି ଗାଇବି କୁହ II
ତୁମକୁ ମୁଁ କେମିତି ଚିଂତିବି କୁହ....

ଓଁକାର ପୁରୁଷ ସଗୁଣ ରକ୍ଷକ ପାଳକ I
ବିବର୍ତ୍ତ କୁଶଳୀ ଚକ୍ରୀ ଅବତାର କାରକ II
"ପ୍ରଜ୍ଞାନମ ବ୍ରହ୍ମ, ଅହଂ ବ୍ରହ୍ମ ଅସ୍ମି, ତତ୍ ତ୍ୱମ ଅସି, ଅୟଂ ଆତ୍ମା ବ୍ରହ୍ମ"
ଅହେ ବ୍ରହ୍ମା ବିଷ୍ଣୁ ମହେଶ, ତୁମକୁ ମୁଁ କେମିତି ଚିଂତିବି କୁହ....

ମକାର ସୁସୁପ୍ତ ଥାନେ ସମାଧି ତଇଜସ I
ଅବା କରାଳ ପ୍ରଳୟେ ଅନ୍ତର୍ଧାନ ଅଧାସ II
"ପ୍ରଜ୍ଞାନମ ବ୍ରହ୍ମ, ଅହଂ ବ୍ରହ୍ମ ଅସ୍ମି, ତତ୍ ତ୍ୱମ ଅସି, ଅୟଂ ଆତ୍ମା ବ୍ରହ୍ମ"
ଅହେ ବ୍ରହ୍ମା ବିଷ୍ଣୁ ମହେଶ, ତୁମକୁ ମୁଁ କେମିତି ଚିଂତିବି କୁହ....

ସଚ୍ଚିଦାନନ୍ଦ ବୋଲି ତମେ ସୃତି ରୁ ଲଭିଲି I
ନିରାକାର ରୂପ ନିର୍ଗୁଣ ନେତୀ ନେତୀ ବୋଲି II
"ପ୍ରଜ୍ଞାନମ ବ୍ରହ୍ମ, ଅହଂ ବ୍ରହ୍ମ ଅସ୍ମି, ତତ୍ ତ୍ୱମ ଅସି, ଅୟଂ ଆତ୍ମା ବ୍ରହ୍ମ"
ଅହେ ବ୍ରହ୍ମା ବିଷ୍ଣୁ ମହେଶ, ତୁମକୁ ମୁଁ କେମିତି ଚିଂତିବି କୁହ....

==========================================

**Nitaigour Mahalik**

## ପ୍ରକୃତି- ଈଶ୍ୱର



**ଶ୍ରୀ ଗୋପାଳ ମହାନ୍ତି**

ଗତି ମୋ ଆଲବାର୍ଟାସ୍ଥିତ ବାମ୍ଫ(Banff)ର ଆଡ଼କୁ, ଦେଖୁଛି ମୁହିଁ କେବଳ ବିସ୍ତୃତ ଭୂମିକୁ
ଅକସ୍ମାତେ ଦିଗବଳୟେ ହୁଅଇ ଗୋଚର, ନୀଳ ଗଗନର ତଳୁ ଧୂସର ରଙ୍ଗର ।
ଭସାଣିଆ ମେଘ ପରି ଜଣା ତ ପଡ଼ଇ, ଧୂସରିଆ ରଙ୍ଗ ବୃଦ୍ଧି ଉପର ଉଠଇ
ନିକଟତରେ ଦିଶନ୍ତି ବିଶାଳ କାୟର, ଦୁଇ ପାର୍ଶ୍ୱେ ବିରାଜନ୍ତି ପର୍ବତ ପ୍ରାଚୀର ।
ଅଭିନବ ଏ ଶୋଭା କାହାର , ପଚାରଇ ମନକୁ ମୋହର
କହିବଟି ସତକି ଈଶ୍ୱର ।

ନିର୍ଜୀବ ନିଶ୍ଚଳ ଶୁଷ୍କ ଟାଙ୍ଗରା ଶରୀର , ସୂର୍ଯାଲୋକେ ହୁଅଇ ଯେ ସଜଳ ସୁନ୍ଦର
ଅଦଭୁତ କାଳ୍ପନିକ ସ୍ୱପ୍ନର ଉଦ୍ଭବ , ହଜିଗଲି ମଜ୍ଜିଗଲି ବିଚିତ୍ର ପ୍ରଭାବ ।
ଅଜ୍ଞାତେ ଅନ୍ତର୍ଗତ ବିସ୍ମୟ ଦୃଶ୍ୟମାନ ,ପାଉଁଶ ରଙ୍ଗର କେହି କରନ୍ତି ଭ୍ରମଣ
ଅପରୂପ ସେହି ରୂପ କରେ ବିଚରଣ, ଅବିଚ୍ଛିନ୍ନ ଚତୁର୍ପାଶ୍ୱ ବିସ୍ତାର କରିଣ ।
ଅଭିନବ ଏ ଶୋଭା କାହାର , ପଚାରଇ ମନକୁ ମୋହର
କହିବଟି ସତକି ଈଶ୍ୱର ।

ବିଞ୍ଚନ୍ତି ସେ ପାଉଁଶିଆ ରଙ୍ଗର ବିଭୁତି, ବୋଳନ୍ତି ପର୍ବତମାଳା ଦେହେ ହୋଇ ତୃପ୍ତି
ଯାହାର ସ୍ଥିତି ବିକୃତ ରୁକ୍ଷ କଦାକାର , ଅଦ୍ଭୁତ ସ୍ପର୍ଶେ ହୁଏ ମନୋରମ ସୁନ୍ଦର ।
କୌପୀନଧାରି ବିଭୁତିଭୂଷିତ ଶଙ୍କର, ହିମାଳୟ ଦେଶେ ପଦଚାରଣ ତାଙ୍କର
ତଥାପି ସିଏ ଯେ କର୍ତ୍ତା ବିଶ୍ୱ ବ୍ରହ୍ମାଣ୍ଡର, ଆବିର୍ଭାବ ହେଲେ କି ସେ ରକିସ ଉପର ।
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ ମୋହର
କହିବଟି ସତକି ଈଶ୍ୱର ।

ପୁନଶ୍ଚ ବିଦିତ ତିନି ତୁଙ୍ଗ ଶିଖରର , ତିନୋଟି ମୂରତି ପରି ଟେକି ଉଚ୍ଚ ଶିର
ମୋର ଦୃଷ୍ଟିରେ କି ବ୍ରହ୍ମା ବିଷ୍ଣୁ ମହେଶ୍ୱର , ଆନନ୍ଦରେ ପୂର୍ଣ୍ଣ ହେଲା ମୋହର ଅନ୍ତର ।
ତିନି ଭଗିନୀ (Three Sisters) ନାମରେ ଯାହାକୁ ବୋଲନ୍ତି, ଅବା କି ସେ ସରସ୍ୱତୀ କମଳା ପାର୍ବତୀ
କୈଳାସ ଓ ବୈକୁଣ୍ଠର କଳ୍ପିତ ଚିତ୍ରଣ, ଉଜ୍ଜ୍ୱଳରେ ଉଦ୍ଭାସିତ ବିକାଶ ମୋ ମନ ।
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ ମୋହର
କହିବଟି ସତକି ଈଶ୍ୱର ।

ସମ୍ମୁଖେ ଦୃଷ୍ଟିରେ ଆସେ ଏକ ପର୍ବତର , ମୁଁ କି ଦେଖୁଛି ପ୍ରତ୍ୟକ୍ଷ ଶିବ ମହେଶ୍ୱର
ଦୂରଦେଶେ ଇଏ ଏକ ଅଲୌକିକ ଦୃଶ୍ୟ, ଦେଖୁଛି କି ବସିଛନ୍ତି ଧ୍ୟାନରେ ମହେଶ ।
ପର୍ବତର ଶିଖର କି ଶିର ଚୂଳର ଉତ୍ଥାନ, ମୁଖମଣ୍ଡଳ ଜ୍ୟୋତିକୁ କରିଛି ଧାରଣ
ଜଟାଜୁଟ ଧାର ଧାର ଝୁଲଇ ବକ୍ଷରେ , ପର୍ବତର ଉଦ୍ଭିଦକୁ ଦେଖେ କି ଭ୍ରାନ୍ତରେ ।
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ ମୋହର
କହିବଟି ସତକି ଈଶ୍ୱର ।

କୈଳାସର ରୂପରେଖା କଳ୍ପନା କରଇ , ଶିବଙ୍କର ବାସସ୍ଥଳ ଯାହାକୁ ବୋଲଇ

ବିଶ୍ୱବ୍ୟାପୀ ମହାଯୋଗୀ ସେ ହର ଶଙ୍କର , ଶରଣ ନିଅନ୍ତି ପାଦପଦ୍ମରେ ତାଙ୍କର |
ଅବିରତ ଧ୍ୟାନରତ ସେ ଶାନ୍ତ ସୁନ୍ଦର, ବିନମ୍ରେ ପୂଜନ୍ତି ଚୂର୍ଣ୍ଣ କରି ଅହଂକାର
ଭ୍ରାନ୍ତ ଧାରଣା କି ଆଣେ ଆଧ୍ୟାତ୍ମିକ ଭାବ, ଧନ୍ୟ ହେଲି ମୁଁ କି ହେଜି ସୃଷ୍ଟିର ପ୍ରଭାବ |
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ  ମୋହର
କହିବଟି ସତକି ଈଶ୍ୱର |

ଚତୁର୍ଦ୍ଦିଗ ବେଷ୍ଟନରେ ପରବତମାନ, ଅମୂଲ୍ୟ ଏକ ରତ୍ନକୁ କରନ୍ତି ରକ୍ଷଣ
ପ୍ରକୃତିର ଏ କାନ୍ତିର ନାହିଁ ପଟାନ୍ତର, ଲୁଇସ ହ୍ରଦ (Louise Lake) ନାମେ ଖ୍ୟାତି ଜଗତେ ତାହାର |
ତାହାର ରୂପ ମହିମା ଶୁଣେ ବାରମ୍ବାର, ଦର୍ଶନ ତୃଷାର ବୃଦ୍ଧି କରଇ ଅଧାର
ଦର୍ଶନ କରିଛି ପୂର୍ବେ ଭରିଛି ନୟନ, ମାତ୍ର ସେ ପିପାସା କେବେ ନ ହୁଏ ପୂରଣ  |
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ  ମୋହର
କହିବଟି ସତକି ଈଶ୍ୱର |

ଛଅଟି ପୃଥକ ରଙ୍ଗେ ହୋଇ ରଙ୍ଗାୟିତ , ସେ ଦୃଶ୍ୟ ମନର ମଧ୍ୟେ ହୁଅଇ ଅଙ୍କିତ
ଉପକୂଳ ଧଳା ମିଶା ହଳଦି ରଙ୍ଗର, ନୀଳ ସବୁଜ ମିଶ୍ରଣ ରଙ୍ଗ ତ ହ୍ରଦର
ଦୁଇ ପାର୍ଶ୍ୱରେ ପାଇନ ଘନ ସବୁଜର, ପଶ୍ଚାତରେ ରହିଅଛି ପର୍ବତ ଧୂସର
ସମ୍ମୁଖରେ ଦିଶଇ ବରଫ ଧବଳ, ଉର୍ଦ୍ଧ୍ୱରେ ବିସ୍ତାର କରେ ଆକାଶର ନୀଳ
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ  ମୋହର
କହିବଟି ସତକି ଈଶ୍ୱର |

ଅଦୃଶ୍ୟ ରହଇ ସେ ନ ହେଲେ ସମ୍ମୁଖୀନ, ଓଢଣୀର ତଳେ ମୁଖ ବଧୂର ଯେସନ
ପ୍ରତ୍ୟକ୍ଷରେ ଦେଖୁଛି ମୁଁ ସୌନ୍ଦର୍ଯ୍ୟ ବିଭବ, ହ୍ରଦର ସୁଶାନ୍ତ ବକ୍ଷ କରେ ଅନୁଭବ |
ଅତୁଲ୍ୟ କଳନାତିତ ବୃଥା ତା ବର୍ଣ୍ଣନା, ଗ୍ରହଣ କରୁ କେବଳ ଉଦ୍ଭିତ ଚେତନା
ଘୁଞ୍ଚି ଗଲେ ଅଳ୍ପ ଦୂରେ ଛାଡ଼ି ସେହି ସ୍ଥାନ , ଢାଙ୍କି ଯିବ ଅଲୌକିକ ବଧୂର ବଦନ |
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ  ମୋହର
କହିବଟି ସତକି ଈଶ୍ୱର |

ଧରଣୀର ଏହି ଶୋଭା ଚତୁର୍ଦ୍ଦିଗେ ପୂର୍ଣ୍ଣ , ଆନନ୍ଦରେ ମଗ୍ନ ହୁଏ କରିଣ ଦର୍ଶନ
ଉଲ୍ଲାସପୂର୍ଣ୍ଣ ବିଶାଳ ସୁନ୍ଦର ପ୍ରକୃତି , ଏ ଅକଳନ ବିଭବ କାହାର ଏ ସୃଷ୍ଟି |
ଏ ସୃଷ୍ଟିର ଅନ୍ତରାଳେ ଲୁକ୍କାୟିତ କେହି, ତାହାଙ୍କୁହିଁ  ଆରାଧନା କରିବିଟି ମୁହିଁ
ନ ଥିଲେ ନ ଥିବେ କେହି ଯାହାହିଁ ବିଦିତ, ପୂଜା  କରିବି ମୁଁ କରି ମସ୍ତକକୁ ନତ |
ଅଭିନବ ଏ ଶୋଭା କାହାର, ପଚାରଇ ମନକୁ  ମୋହର
କହିବଟି ସତକି ଈଶ୍ୱର |

## ଅସ୍ଥିରତାର ଚିତ୍ରପଟ

ମୂଳ ରଚନା:  Fabric of Disquiet by Shubh Bala
ଅନୁବାଦ: ମମତା ମିଶ୍ର

ଅସ୍ତରାଗର ସୁନେଲି ରଙ୍ଗରୁ କିଛି ଟୋପା
ଗଛମାନଙ୍କ ଉପରେ ଛିଟିକି ପଡ଼େ
ସଂଧ୍ୟାର ନିଶ୍ୱାସ ପତ୍ର ଗହଳି ଭିତରେ
ଚକାଭଉଁରି ଖେଳି ଜୋରରେ ବାହାରି ଆସେ
ପାଖରେ ଝୁଲୁଥିବା ଘଂଟିମାନେ ଚମକି ଉଠି
କୋଳାହଳ କରନ୍ତି ଯେଉଁଥିରେ
ସ୍ଖଳିତ ପତ୍ରମାନଙ୍କର ନିଦ ଭାଙ୍ଗିଯାଏ
ସେମାନେ ଅଚାନକ ନାଚି ଉଠନ୍ତି

ରାତି ତାର ବିରାଟ ଜାଲଟିକୁ ବିଛାଏ
ଚିନ୍ତାମାନଙ୍କୁ ଧରିବାର ଆୟୋଜନରେ
ସ୍ମୃତି ବି ଦ୍ୱାର ଖୋଲିଦିଏ ସେଇ
କ୍ଷୁଦ୍ର ନିଭୃତ ଉପର ବଖରାଟିକୁ
ଯେଉଁଠାରେ ବନ୍ଧା ହୋଇଥାଏ
କଳା ରଙ୍ଗର ଛିଦ୍ରଭରା ଚାନ୍ଦୁଆଟିଏ
ଯାହାର ବକ୍ଷକୁ ଆକାଶରୁ ଖସି ପଡିଥିବା
ତାରାମାନେ ଛିନ୍ନ କରିଥିଲେ



## ବସନ୍ତ ବର୍ଣ୍ଣାଳୀ !!

ଏ ବର୍ଷ ଦୋଳ ପୂର୍ଣ୍ଣିମାରେ
ତୁମେ ଆସୁଛ ବୋଲି ବୋଧେ
ଏ ଥର ମୋ ବଗିଚାର ଆମ୍ବ ଗଛରେ
ପେନ୍ଥା ପେନ୍ଥା ବଉଳ ଆସିଛି
ଶାକୁଳୀ ଗଛରେ ଅସୁମାରି କଢ଼ ଧରିଛି..
ମୋ ଘର ସାମ୍ନା
ରାସ୍ତାର ସେ କଡ଼େ
କୃଷ୍ଣଚୂଡ଼ା ଗଛରେ
ଗୋଛା ଗୋଛା ଫୁଲ, ଲଦି ହୋଇ ପଡିଛି
ନାରଙ୍ଗୀ ରଙ୍ଗରେ ନାଲି ଫେଣ୍ଟି
ସକାଳର ଚିତ୍ରରେ ଆଙ୍କି ହୋଇ ଯାଇଛି..

ଏ ବର୍ଷ ଦୋଳକୁ
ତୁମେ ଆସୁଛ ବୋଲି ବୋଧେ
ମୋ ପାଚିରୀକୁ ମାଡ଼ି ଆସିଥିବା
ପଡିଶା ଘରର ଅଶୋକ ଗଛ ବି
ଗୁମ୍ଫା ଗୁମ୍ଫା ଫୁଲତୋଡ଼ା ଧରି
ପାଛୋଟିବା ନେବା ପାଇଁ ତୁମକୁ
ତା ବାହୁ ଲମ୍ବେଇ ନେଇଛି..

ଏ ବର୍ଷ ଦୋଳକୁ
ତୁମେ ଆସୁଛ ବୋଲି ବୋଧେ
ମୋ ବଗିଚାର
ଫ୍ରେଞ୍ଚ ଡାଞ୍ଚାର କୁହା ଫାଟକରେ
ମଧୁମତି ଲତାର ତୋରଣ
ମହମହ ତାର ବାସ୍ନା ନେଇ
ଝୁମି ଝୁମି ବସନ୍ତ ବାଆରେ ଦୋହଲୁଛି
ମଥା ତୁମ ଚୁମିବା ଆଶାରେ, ନଇଁ ଯାଇଛି/ ଆସିଛି ..

ଏ ବର୍ଷ ଦୋଳ ପୂର୍ଣ୍ଣିମାକୁ
ତୁମେ ଆସୁଛ ବୋଲି ବୋଧେ
ଫାଟକଠୁ କୁଞ୍ଜ ଦୁଆର ଯାଏଁ
ତୁମ କଅଁଳ ପାଦ ଥାପିବାକୁ
ସକାଳୁ ସକାଳୁ
ସୁଗନ୍ଧିତ ପାରିଜାତ ଫୁଲ, ତାର
ସୁକୋମଳ ସତେଜ ଶେଜ ସଜାଡ଼ି ଦେଇଛି ..

ମୋ କୁଞ୍ଜର ଫୁଲେ ଫୁଲେ ଫଗୁଳ ପରାଗ

କୋଣେ କୋଣେ ଫଗୁଣର ବର୍ଣ୍ଣାଳୀ ଆସର

ସିନ୍ଦୁରା ଫିଟିଲେ ଦୋଳ ପୂର୍ଣ୍ଣିମା
ତୁମ ଆସିବା ବେଳ ହେଇଗଲା ବୋଧେ
ଦେଖ, ରାତି ନ ପହୁଞ୍ଚୁ କୋଇଲି
ବସନ୍ତ ରାଗରେ ତାଳ, ଲୟ ସଜ କରି
ଆଗମନୀ ସ୍ୱର ଧରିଲାଣି..

ଝରକା ଏ ପାଖେ
ମୋ ମନରେ ଭରି ଭରି ଯାଉଛି
ଭାବ ଆବେଗର ରଙ୍ଗ
ଅଙ୍ଗେ ଅଙ୍ଗେ ଖେଳି ଯାଉଛି
ପ୍ରେମ ଆଉ ଉନ୍ମାଦନାର ପୁଲକିତ ରଙ୍ଗ
ପ୍ରତୀକ୍ଷାରେ ସଞ୍ଚରି ଯାଉଛି
ମିଳନ ଅଭିଳାଷାର ରଙ୍ଗ
ମୋ ଗୋଲାପୀ ଓଠରେ
ଲାଜେଇ ଯାଉଛି ଶିହରଣର ରଙ୍ଗ

ତୁମ ଆସିବା ବାଟ ଚାହିଁ
ମୋ ନିଦମଖା ଆଖି ଆଜି
ଫାଟକ ପାଖରେ ଅଟକି ରହିଛି..
ଆଉ ମୁଁ
ଦୋଳ ପୂର୍ଣ୍ଣିମାର ବାହାନା ନେଇ
ହାତମୁଠାରେ ଲୁଚାଇ ଧରିଛି
ରୁପା ଫରୁଆରେ
ଅବିରର ଟୁଟୁକିଏ ନାଲି ରଙ୍ଗ !

ମନୋରମା ଚୌଧୁରୀ

## ସବୁଜ ଫଗୁଣ



ସେ ବିନ୍ଦୁ ବିନ୍ଦୁ ଆଲୁଅ ସଞ୍ଚିତି
ଶକ୍ତି ସାଧିଚି
କେବେ ଜାଳ ତ
କେବେ ଜୀବନ ଯୋଗେଇଚି

ସବୁଜ ଥିଲେ ସବୁ ଥାଏ
ଏତେ ରଙ୍ଗ ର ଫୁଲ,ଦିଅଁ ଖୁସି ହୁଅନ୍ତି
ସୀମାହୀନ ସୁବିଧା ମାପ ର
ସବୁଜ କଟେ
ତିଆରି ହୁଏ, ବିଳାସ ଆକାର ର ସହର
ଆମ ଭକ୍ତି ଉଚ୍ଚ ର ମନ୍ଦିର
ସବୁଜ,ଦେହରେ ରକ୍ତ ହୁଏ
ଗରମ ରଙ୍ଗୀନ ଆମ୍ବଡିମା ର ପ୍ରତିଯୋଗିତା
ଓ ଅମର ଲୋଭ ର ଅନ୍ଧାରି ଅମାର ରେ
ସବୁଜ ସରେ

ପୃଥିବୀ ଅଘୋରୀ ପରି ଘୂରେନି
କି ଋତୁ ଏତେ ଅବୋଲକରା ନୁହେଁ
ଖାତିରଦାରି ନହେଲେ ନାହିଁ
ଜନ ସମୁଦ୍ର ଆମେ, ବିନ୍ଦୁ ରେ କୁଆର
ସଞ୍ଚନ୍ତେନି ବାଡ଼ିରେ ,ସାହିରେ ବୁନ୍ଦେ
ଘର ଘର ଲାଗନ୍ତା ସହର
କିସ୍ତି ରେ ଫେରାନ୍ତେ ସେ ସବୁଜ ଋଣ
କିଛି ଫଗୁ ନେଇ ପୁଣି ଫେରି ଆସିବାକୁ
ଚାହିଁ ବସିଛି ଫଗୁଣ

ପ୍ରଦୀପ ମହାପାତ୍ର



## ମରୀଚିକା (Mirage)
By: Nishant Mohapatra

ମାଟି ରେ ଗଢ଼ିବି ନା ବିଦେଶ ଯିବି?

ମନ ମର ଥିଲା ବେପାରି
ଓଜନ କଲା ସେ ଗୁହାରି

ଜେଉଁ ପାରା ଥିଲା ତଳକୁ
ତାକୁ ନେଲା ସେ ହାସ କୁ

ଜେଉଁ ପାରା ଥିଲା ଉପରେ
ତାକୁ ରଖିଲା ସେ ସାଥିରେ

ଦଇବ ହସିଲା ମୁରୁକି !

ଆରେ ଗପାଳ , ନିକିତି ର ପରା ରହସ୍ୟ
ଯାହାକୁ ଛାଡିଲୁ ତଳରେ
ତାହା ହି ଥିଲା ସବୁ ସତ ରେ

ଧରିଛୁ ତୁ ଖାଲି ସପନ
କରି କାକର ପରି ତା ଜତନ

ଏବେ ବି ଅଛି ଯେ ସମୟ
ପରଖି ନେ ତ ବେପାର

ନିଜ ମାଟି ର ବାସନା
କେତେ ପର ଦେସ ଆସୁନା

ବଡ ସଉଭାଗ ବାଲା ସେ
ରହିଲା ଜେ ସେ ମାଟି ରେ....

- ନିଶାନ୍ତ

## ଦ୍ୱନ୍ଦ

By: Nishant Mohapatra

କିଛି ପୁରୁଣା ସ୍ମୃତି ରେ ଗଢ଼ିଛି ଏ ଦୁନିଆ
ବହୁତ ହାଲ୍କା ଆଉ ଭିତରେ ଫମ୍ପା

ଧୀରେ ଧୀରେ ପବନ ବହିଲେ ବି ଲାଗେ କାଳେ
ଉଡାଇ ନେବ ମୋର ସେ ଦୁନିଆ କୁ

ବେଳେ ବେଳେ ଭାବେ ଏ ଦୁନିଆ କୁ fixed deposit କରିବି ?
କିଛି ଦିନ ବିନା ଚିନ୍ତା ରେ ତ ରହି ପାରିବି !

ହେଲେ ପୁଣି ମନେ ପଡେ ଯଦି ମୁ ଏହି ଦୁନିଆ କୁ ବାନ୍ଧି ଦେବୀ
ସେ ସ୍ମୃତି ଗୁଡାକ ବଞ୍ଚି ପାରିବେ ନା ?

ଅନ୍ଧାରୁଆ ବିନା ଅମ୍ଳଜାନ ରେ bank ର ସେ କୋଠରୀ ଭିତରେ
ନିଜ ପ୍ରାଣବାୟୁ ଛାଡ଼ି ଚାଲିଯିବେ

ଯେଉଁ ସ୍ମୃତି ଙ୍କ ପାଇଁ ମୁଁ ନିଜ ପରିଭାଷା ବୁଝି ପାରିଛି
ତାଙ୍କ ବିନା ମୁଁ କଣ କରିବି ?

ଆଉ ଯେଉଁ ନୂଆ ସ୍ମୃତି ଆସିବେ
ସେମାନଙ୍କୁ କଣ କହିବି ତାଙ୍କ ସମ୍ପର୍କୀୟ ବିଷୟରେ ?

- ନିଶାନ୍ତ

**କଣ ଏ ରହସ୍ୟ ?**
By: Nishant Mohapatra

ଜୀବନ ଝରଣା ପାଣି
ବୋହି ଚାଲୁ ଥାଏ ନକରି ହିସାବ
କେତେ ବୋହିଲା ସେ ପାଣି ||

ଏତେ ଶ୍ରୋତ ମଧ୍ୟେ ଥାଇ
ଜଟିଳ ପଥର ରହି ଯାଏ ପୁଣି
ନ ଶୁଣି ପାଣି ର ଆଭାସ

କାଟି ଦେଇକି ପଥ ଦିଏ ଖାଲି
ନ ଜାଣି ଅସଲ ପ୍ରୟାସ ||

ଖାଲି ଧରତୀ ମାତା ଯିଏ
ଯାବୁତି ଧରିକି ଆପାଣାଏ ସେ ପାଣି
ଯେତେ କଷ୍ଟ ହେଲେ ବି ସବୁ ସହି ଯାଏ
ହେଇଥିଲେ ବି ସେ ରାଣୀ ||

ବୁଝିଲ ସଙ୍ଗାତ ଦୁନିୟା ରୀତି ଏ
ପୁଅ ମାନେ ହେଲେ ପଥର
ଝିଅ ହିଁ ଧରତୀ ଝିଅ ହିଁ ଧରଣୀ
ହୃଦୟ ତାର ଅତି ସୁନ୍ଦର ||

ପୁଅ ହେଉ ବା ଝିଅ
ବାପା ମା ଙ୍କ ସେ ପ୍ରିୟ…

-ନିଶାନ୍ତ

## Ba Gha Ni Sa Ha Na La

By Nishant Mohapatra

ଇନ୍ଦ୍ରଧନୁ ର ସାତରାଙ୍ଗ ପରି
ରହିଥାଏ ଆମ ଜୀବନ

ପ୍ରତିଟି ରଙ୍ଗ ର ନିଜର ମହତ୍ୱ
ଅଛି ତାର ଏକା କଥନ

ବାଇଗଣୀ ରେ ବସିଲା ହୃଦୟ
ଅବୁଝା ରଙ୍ଗ ସେ ଜାଣି

ଘନ ନୀଳ ଯେ ହୃଦୟ ସ୍ପନ୍ଦନ
ରହି ଯାଇଥାଏ ଧ୍ୱନି

ଆକାଶ ର ନୀଳ ପରି ଏକା ମୁଣ୍ଡ
ଯାଉଛି ମେଘ ପରି ବୁଲି

ଆଜି ଅଛି ଏଠି କାଲି ଗଲା ସେଠି
କରୁଛି ଭ୍ରମଣ ଖାଲି

ଆଖିକୁ ସୁନ୍ଦର ସବୁଜ ରଙ୍ଗ ଯେ
ମନ ହୁଏ ପୁଣି ଶାନ୍ତ

ହଳଦୀ ବସନ୍ତ ପରି ଉଡି ଯାଏ ମନ
ହେଲେ ପ୍ରେମ ଅନନ୍ତ

ନାରଙ୍ଗୀ ବୈରାଗୀ ହେଲେ କଣ କେବେ
ପାରୋ ହେଇଅଛି ଜନ୍ତୁ

ରକ୍ତ ମାଂସ ଗଢ଼ା ମଣିଷ ଶରୀର
ରଖିଛି ନାଲି ବି ତନ୍ତୁ

ଫଗୁ ପରି ସବୁ ମୋହ ମାୟା ଆଉ
ମିଶି ଯାଏ କଣ କଣ

ଧରିକି ବସିଲେ ମଜା କଣ ଆଉ
ଉଡାଇ ଦିଅ ହେ ପ୍ରିୟ ଜଣ

- ନିଶାନ୍ତ


Odia Stories

## ନୂଆ ଘର ନା ପୁରୁଣା ସ୍ମୃତି !!

Loan ହେଇଗଲା ବାପା approved , କହିଲେ ନଳିନୀ ବାବୁ ! ନଳିନୀ ବାବୁ ଙ୍କ ଚେହେରା ରେ ହସ ଦେଖିକି ବାପା ବି ଖୁସି ହେଲେ , ଆଉ କହିଲେ 'ବାଃ ଏତେ ଶୀଘ୍ର ହେଇଗଲା ?' 'ବଢିୟା news ତାହେଲେ '

'ହଁ ବାପା ଆଜିକାଲି paper work କାମ କମ - computer ରେ type କଲେ କେତେ loan କେତେ interest rate ସବୁ 2 min ରେ କହି ଦେଉଛି ' ନଳିନୀ ବାବୁ explain କଲେ ତାଙ୍କ ୮୪ ବର୍ଷର ବୁଢା ବାପା ଙ୍କୁ , ଯିଏ ଆଜି ବି ନିଜ ସମୟର ସବୁ କଥା ମନେ ରଖିଛନ୍ତି , ହେଲେ ଗପ ନା ସତ proof ଦେବା ଲୋକ ବହୁତ କାମ ଅଛନ୍ତି ତାଙ୍କ ଗ୍ରୁପ ର , ପଡିଶା ଘର ପାଢୀ ବାବୁ ଗଲା ବର୍ଷ ହିଁ ୯୦ ରେ out ହେଲେ , ସେ ଥିଲେ ଯିଏ ନଳିନୀ ବାବୁ ଙ୍କ ବାପା ଙ୍କ କଥା କୁ approve /reject କରି ପାରୁଥିଲେ

' ଆଛା ଆଛା ' ବାପା ଆଚମ୍ବିତ ହେଇକି ଶୁଣିଲେ , "ଆଗରୁ ବହୁତ time ଲାଗୁଥିଲା , ତୋ ଶଶୁର ପ୍ରସାଦ ମହାପାତ୍ର ବାବୁ was one of the first one to bring computerization into bank , ସେ ବଜାର branch ରେ କାମ କଲା ବେଳୁ ମୁଁ ଜାଣିଚି" କହିଲେ ବାପା !

ନଳିନୀ ବାବୁ ମୁରୁକି ହସି ମୁଣ୍ଡ ହଲାଇ ଦେଲେ ଆଉ approval କାଗଜ ଟା ବାପା ଙ୍କ ହାଥରେ ଦେଇଦେଲେ.

"ମୁ ଟିକେ ଯାଇକି ଆସୁଛି ବାପା" କହି ନିଜ କାମ ଆଡେ ଚାଲିଲେ ..
ବାପା ନିଜ ଚଷମା ଆଣି ସେଇ ଅପପ୍ରବାଳ କାଗଜ କୁ microscopic level ରେ ନିରକ୍ଷଣ କରିବା ଷ୍ଟାର୍ଟ କଲେ

ନଳିନୀ ବାବୁ ଙ୍କ ବାପା is from that generation who understand the value of Money - anti government ନୁହଁ but not in favor of giving high interest rate or tax , senior citizen rate ଆଉ ପୁଅ ର combined rate ରେ ସେ ଦେଖିଲେ final APR rate ଭଲ ମେଳିଛି , ସେ ଦୀର୍ଘ ନିଶ୍ୱାସ ନେଲେ , fan ଆଡେ ଦେଖିକି ଭାବିଲେ

ଏ ଯେଉଁ ୨୦୦ ବର୍ଷ ପୁରୁଣା ଘର , ଝଡ ତୁଫାନ ବର୍ଷା ପାଣି ଖରା କୁ ଲଢିକି ଆମ ପରିବାର କୁ safe ରଖିଛି , se ଘରେ ମୋ 3 3 ଛୁଆ ଜନ୍ମ ହେଇ , କୁିଲ୍ଲୋଳ , କାନ୍ଦ କଟା କରିଛନ୍ତି , ପାଠ satho ପଢ଼ି ମଣିଷ ହେଇଛନ୍ତି , ବାହାଘର ସବୁ ହେଇ ଝିଅ ବିଦା କରିକି ବହୁ ଆଣିଛି ଏ ଘରେ ...

But ….This is the right time to give it an upgrade...
ଏବେ ଯେଉଁ upgrade ଟା ଦେବା ... although ପୁରୁଣା ସ୍ମୃତି ଟିକେ ରାଜ୍ଞୁତି ହେବ କିନ୍ତୁ .. ଆଗକୁ ଆହୁରି ୨୦୦ ବର୍ଷ ପାଇଁ ସ୍ମୃତି ସ୍ତମ୍ଭ ବଣାଇ ପାରିବ ...
I have to do it for my grand kids , their future and their generations...

ଏମିତି ଭାବି - ବାପା ଡାକିଲେ ' ଏ ଶୁଣିଲ - ସେ ବାସୀ ପାଣି ଛାଡ ଏ ନୂଆ File ଟା ନେଇ ରଖିଲ ଆଲମିରା ରେ ଟିକେ

**ନିଶାନ୍ତ**

# ଆମ ସ୍କୁଲର ଛୁଟି ଦିନ

By: P Roy

ସ୍କୁଲ ଦିନର ଶେଷ ଘଣ୍ଟି ଓ ଲମ୍ବା ଛୁଟିର ଘୋଷଣା ସ୍କୁଲ ବେଳର ଥିଲା ଅହେତୁକ ଆନନ୍ଦର ଉତ୍ସ | ଦିନ ଶେଷରେ ସାଙ୍ଗ ମାନଙ୍କ ସହ ଖେଳ ଓ ଲମ୍ବା ଛୁଟିରେ ବେଶୀ ଖେଳ, ପରିଜନଙ୍କ ଘରକୁ ଭ୍ରମଣ ଆଦି ବିଶେଷ ଗୁରୁତ୍ବ ରଖୁଥିଲା।

ଆମ ସ୍କୁଲ ବେଳେ ତିନୋଟି ଲମ୍ବା ଛୁଟି ଥିଲା: ଖରା ଛୁଟି (ବାର୍ଷିକ ପରୀକ୍ଷା ଫଳ ବାହାରିବା ପରେ , ମେ-ଜୁନ), ଦୁର୍ଗା ପୂଜା ଛୁଟି ( ଅକ୍ଟୋବର )ଓ ଧାନ କଟା ଛୁଟି ( ଡିସେମ୍ବର ) | ଯେତେବେଳେ ବୀର କିମ୍ବା ଅନ୍ୟ କେହି ସେହି ବିରାଟ ବପୁ ବିଶିଷ୍ଟ ଛୁଟି ଘୋଷଣା ଖାତା ଧରି ସେହି ସମୟରେ ଚାଲୁଥିବା ଶ୍ରେଣୀ ଶିକ୍ଷକଙ୍କ ହସ୍ତାକ୍ଷର ପାଇଁ କ୍ଲାସକୁ ପଶୁଥିଲା, ତାହା ଏକ ଅପୂର୍ବ ଆନନ୍ଦ ଆଣୁଥିଲା |

ଖରା ଛୁଟି କିମ୍ବା ଗ୍ରୀଷ୍ମ ଅବକାଶ ପୂର୍ବରୁ ସକାଳୁଆ ସ୍କୁଲ ହେଉଥିଲା ରୌଦ୍ର ତାପରୁ ବଞ୍ଚିବା ପାଇଁ | ଆମ୍ବ ବଉଳର ଲଦା ପେନ୍ଥା, ବରକୋଳିର ହାଟଠରା, କୁମ୍ଭାଟୁଆର ସୁଲଳିତ ସ୍ବର, ପିଠାର ବାସ୍ନା ଆମୋଦର ପରିସୀମାକୁ ସୁନ୍ଦର ଭାବରେ ବଢ଼େଇ ଦେଉଥିଲା | ଖରା ଛୁଟିରେ ଆମେ ଯାଉଥିଲୁ ଅଜାଙ୍କ ଘରକୁ | ପରିବାରର ଅନ୍ୟ ମାନେ ଦୂର ଦୂରାନ୍ତରୁ ଆସୁଥିଲେ ମିଶିବାକୁ | ଆଜି କାଲି ଯୁଗରେ ଏହା ସ୍ବପ୍ନ | ପାରିବାରିକ ଐକ୍ୟ ଓ ଦୃଢ଼ ସୁସମ୍ବନ୍ଧ ରଖିବାରେ ଏହା ସହାୟକ ହେଉଥିଲା |

ଦୁର୍ଗା ପୂଜାରେ ଥିଲା ପାର୍ବଣର ମହକ | ଶିଶିରସ୍ନାତ କାଶତଣ୍ଡୀ ମାଙ୍କ ଧରାରେ ଆଗମନକୁ ଆହୁରି ପବିତ୍ର କରୁଥିଲା | କଟକରେ ମେଢ଼ ବୁଲା, ମେଲୋଡି ଆଦିକୁ ପିଲା ମାନେ ପସନ୍ଦ କରୁଥିଲେ |

ଧାନକଟା ଛୁଟି ବିଷୟରେ ଲେଖିବା ପୂର୍ବରୁ ମାଣବସା ବିଷୟରେ ଆଲୋଚନା କରିବା  ଏଥର ମୁଁ ମାଣବସା ଗୁରୁବାରରେ ଘରେ ଥିଲି |

ଜଣେ ଓଡ଼ିଆ ହିସାବରେ ଗୁରୁବାରର ଗୁରୁତ୍ବ ଓଡ଼ିଆ ଝିଅ ବୋହୂଙ୍କ ପାଇଁ ସ୍ବତନ୍ତ୍ର। ଆଉ ମାର୍ଗଶୀର ଗୁରୁବାରର ଗୁରୁତ୍ବ ତ ପ୍ରତିଟି ଓଡ଼ିଆ ବୋହୂକୁ ଜଣା। ମାଣବସା, ଚିତା ପକେଇବା, ଘର ଲିପିବା ଆଦି ଅନେକ କାମ ଓଡ଼ିଆ ଝିଅମାନଙ୍କ ରକ୍ତରେ ଥାଏ ଯେମିତି। ହେଲେ ହଜି ହଜି ଯାଉଥିବା ଅନେକ ପୁରୁଣାଦିନମାନଙ୍କ ପରି ଏହା ମଧ ଏବେ ଏହାର ମୁଖ୍ୟ ଚେତନା ହରେଇବାକୁ ବସିଲାଣି।

ବିଲରେ ଧାନ ପାଚିବା ପରେ ପ୍ରଥମ ଧାନକୁ ମାଣବସାରେ ପୂଜା କରାଯାଏ। ଆମ ସଂସ୍କୃତିରେ ଆମେ ପ୍ରକୃତିର ବିଭିନ୍ନ ସ୍ବରୂପକୁ ଇଶ୍ଵରଙ୍କ ନାମ ଦେଇ ପୂଜୁ। ଏହା ଆମ ଧର୍ମର ସ୍ବାତନ୍ତ୍ର୍ୟ। ଏଣୁ ଧାନ ପାଚି କଟା ହେବା ଆରମ୍ଭ ବେଳେ ହିଁ ମାଣବସା ପରମ୍ପରା କାହିଁ କେଉଁ କାଳରୁ ଚାଲିଆସିଛି। ଆଜିକାଲି ସହରବଜାରରେ ସିଧାସଳଖ ବଜାରରୁ ବେଣି ପଡ଼ିଥିବା ଧାନ କିଣି ଆଣି ମାଣ ବସେଇବାରେ ସେ ସରାଗ କାହିଁ?

ଉତ୍କଳୀୟ ପରମ୍ପରାରେ ଝୋଟିଚିତା ପକେଇବା ମା ମହାଲକ୍ଷ୍ମୀଙ୍କ ପୂଜା ସହ କାହିଁ କେଉଁ କାଳରୁ ଜଡ଼ିତ। ପୁରୀରେ ଶ୍ରୀମନ୍ଦିର ଭିତରେ ମଧ ମାଆଙ୍କ ଦର୍ଶନ ସାରି ସ୍ତ୍ରୀଲୋକମାନେ ବାହାରେ ବସି ଖଡ଼ିରେ ପଦ୍ମ. ଶଙ୍ଖ , ହାତୀ ଆଦି ଅନେକ ପ୍ରକାର ଚିତ୍ର କରୁଥିବା ଆପଣ ଦେଖିଥିବେ। ତେବେ ଲକ୍ଷ୍ମୀଙ୍କୁ ଆମ ଧର୍ମରେ ଧନଧାନ୍ୟ ଓ ଐଶ୍ୱର୍ଯ୍ୟର ଦେବୀ ବୋଲି କୁହାଯାଇଛି। ସଫାସୁତରା ରହୁଥିବା ଘରକୁ ଲକ୍ଷ୍ମୀ ବିଜେ କରନ୍ତି ବୋଲି ପୁରାଣରେ ବର୍ଣ୍ଣିତ। ତେଣୁ ନୁଆଭାବେ ଅମଳ ହୋଇଥିବା ଧାନକୁ ଆମେ ମାଣରେ ରଖି ମାଆଙ୍କ ସ୍ବରୂପରେ ପୂଜା

କରୁ। ବୋଧେ ସେଥିପାଇଁ ଚାଉଳକୁ ବାଟି ଚିତା ପକେଇବାର ପରମ୍ପରା ରହିଆସିଛି। ମହାଲକ୍ଷ୍ମୀଙ୍କର ପ୍ରିୟ ପଦ୍ମଫୁଲ, ଶଙ୍ଖ, ହାତୀ, ଧାନସୀସା, ଧାନକେଣ୍ଡାର ଅନେକ ଚିତ୍ର ଚଟାଣ ଓ କାନ୍ଥମାନଙ୍କରେ ଘରର ସ୍ତ୍ରୀମାନେ ଆଙ୍କନ୍ତି। ଆଜିକାଲି ତ ଆଉ ମାଟିଘର ଦେଖିବାକୁ ମିଳୁନାହିଁ। କାନ୍ଥବାଡ଼ ସବୁ କୃତ୍ରିମ ରଙ୍ଗରେ ଲିପାଯାଉଛି। ତେଣୁ କେବଳ ଦୁଆର ଓ ଚଟାଣରେ ହିଁ ଆମେ ଝୋଟି ପକାଉଛେ।

ଚାରି ପାଳି ଗୁରୁବାର ମଧ୍ୟରେ ଶେଷ ଗୁରୁବାର ଗୁରୁତ୍ୱପୂର୍ଣ୍ଣ | ପ୍ରଥମ ପାଳି ଅଲାଗି ଥାଏ, ତେଣୁ ସେମିତି କିଛି ପୂର୍ବ ପ୍ରସ୍ତୁତି କରିବାକୁ ପଡ଼େନି। ତା ପର ପାଳିଗୁଡ଼ିକ ମାଣ ବସେ ଓଡ଼ିଆ ଘରେ । ଶେଷପାଳି ଗୁରୁବାରର ଦୁଇତିନି ଦିନ ଆଗରୁ ଆରିସା ପିଠା ପାଇଁ ଚାଲେ ପ୍ରସ୍ତୁତି। ଚାଉଳକୁ ଭିଜେଇ ଶୁଖେଇ ଝିଅ ବୋହୂ ମାନେ ବାରିଘରେ ପଡ଼ିଥିବା ଢିଙ୍କିରେ ଗୁଣ୍ଡ କରନ୍ତି। ବର୍ତ୍ତମାନ ଅବଶ୍ୟ ସେ ଢିଙ୍କି ଆଉ ନାହିଁ। ସମୟକ୍ରମେ ଏବେ ଗ୍ରାଇଣ୍ଡର ଢିଙ୍କିର ଜାଗା ନେଇଛି। ସେଇ ଢିଙ୍କିରେ ଚାଉଳଗୁଣ୍ଡ କରି ମଣ୍ଡା ପିଠା, ଗଇଁଠା, ଆରିସା ପରି କେତେ ପିଠା ତିଆରି ହୁଏ ।

ସହରରେ ଗାଁ ଅପେକ୍ଷା ମାଣବସା ପ୍ରସ୍ତୁତି ପୂରା ଅଲଗା। ଆଗରୁ ନା ବିଲରୁ ଧାନ ଆଣି ବେଣି କରିବାର ଚିନ୍ତା ରହୁଛି ନା ପିଠା କରିବାକୁ ଢିଙ୍କି ଖୋଜା ପଡୁଛି। ସବୁ ବଜାରରେ ରେଡ଼ିମେଡ୍ ମିଳିଲାଣି। ପୂର୍ବଦିନ ଚାଉଳବାଟି ଭଲ ଡିଜାଇନ୍‌ର ଚିତା ପକେଇବା ଓ ମାଣବସାଦିନ ୟୁଟ୍ୟୁବ୍ ଦେଖି ପିଠା ପ୍ରସ୍ତୁତ କରି ଆଜିକାଲିର ବୋହୂମାନେ କାମ ଚଳେଇଦେଉଛନ୍ତି। ଲକ୍ଷ୍ମୀପୁରାଣ ପାଇଁ ସକାଳୁ ଟିଭି କି ମୋବାଇଲ ଚଲେଇଦେଲେ ସରିଲା। ଧଳା ନାଲି ଲୁଗା ପିନ୍ଧିବା ବି ଏବେ ଜରୁରୀ ହେଇପଡ଼ିଲାଣି। ଧଳା ହେଉଛି ଶୁଭ୍ରତା ଓ ଶାନ୍ତିର ପ୍ରତୀକ। ଏଣୁ ଏହି ଲୁଗା ପିନ୍ଧିଲେ ମନ ଶାନ୍ତ ରହେ ଓ ପୂଜାରେ ମନ ଲାଗିବ। ଏଥିପାଇଁ ପୁରାଣରେ ଧଳାଲୁଗା ପିନ୍ଧିବା କଥା ରହିଛି। କେବଳ ଗୁରୁବାର ନୁହେଁ, ଶାସ୍ତ୍ରମତେ ସମସ୍ତ ପ୍ରକାର ପୂଜା ସମୟରେ ଧଳା ଲୁଗା ପିନ୍ଧିବା କରଣୀୟ ଅଟେ। ହେଲେ ଏହାକୁ ବର୍ତ୍ତମାନ ଆମଘରର ବୋହୂମାନେ ଗୁରୁବାରର ୟୁନିଫର୍ମ କରିସାରିଲେଣି। ମାଣବସା ପାଇଁ ଆବଶ୍ୟକ ଦ୍ରବ୍ୟ ସହ ଧଳାଲୁଗା କିଣିବା ବା ଅତ୍ୟାବଶ୍ୟକ ହୋଇପଡ଼ିଛି, ଏପରିକି ସେଦିନ ସୋସିଆଲ ମିଡିଆରେ ଝୋଟି ଫଟୋ ଦେବା ବି ଏକ ପ୍ରକାର ବିଧି ହୋଇସାରିଲାଣି। ଏମିତି ଚାଲିଲେ ମାଣବସାର ଅସଲି ଉଦ୍ଦେଶ୍ୟ ଯେ ଉହ୍ୟ ରହିଯାଉଛି ଏହା ଆମେ କେବେ ବୁଝିବା?

ପରିଷ୍କାର, ପରିଚ୍ଛନ୍ନତା, ସାମ୍ୟ ଭାବ, ପରସ୍ପର ମଧ୍ୟରେ ସାହାଯ୍ୟ ଓ ସହାନୁଭୂତି, ସକାଳୁ ଉଠିବା ଆଦି ବହୁତ ଭଲ କଥା ମାଣବସା ଗୁରୁବାର ଓ ଲକ୍ଷ୍ମୀ ପୁରାଣ ଆମକୁ ଶିଖାଏ | କିନ୍ତୁ ଏବେ କିଏ ଶିଖୁଛି ଓ କରୁଛି ?

ଏବେ ଆସିବା ଧାନକଟା ଛୁଟିକୁ | ଡିସେମ୍ବର ମାସ ଶେଷ ସପ୍ତାହର ଏଇ ଛୁଟିଟିକୁ ସେତେବେଳେ ଧାନକଟା ଛୁଟି କୁହାଯାଉଥିଲା।

ଆବହମାନ କାଳରୁ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ରୂପେ ପରିଗଣିତ ହୋଇଆସୁଛି। ଧାନର ଉତ୍ପତ୍ତି ସ୍ଥଳ ଓ ପ୍ରାଚୀନ କାଳରେ ଧାନ ରପ୍ତାନିକାରୀ ଭାବରେ ଆମ ରାଜ୍ୟର ପରିଚିତି ଅଛି। ଏପରିକି ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ସମୟରେ ଧାନ ଉତ୍ପାଦନ କମି ମଧ୍ୟ ଓଡ଼ିଶାରୁ ୩୫୦୦୦ ଟନ୍ ଚାଉଳ ବିଭିନ୍ନ ସ୍ଥାନକୁ ରପ୍ତାନି ହୋଇଥିବା କଥା ଇତିହାସ କୁହେ। କେବଳ ଧାନ କାହିଁକି ଆମ ରାଜ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ସହିତ ପନିପରିବା, ଫଳମୂଳ, ବିରି, ମୁଗ, ତୈଳବୀଜ ଓ ଅନ୍ୟ ଅର୍ଥକରୀ ଫସଲ ମଧ୍ୟ ଚାଷ କରାଯାଇଥାଏ। ଆମର ପୂର୍ବ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଅନୁସାରେ ପିଲାମାନେ ପାଠ ପଢ଼ିବା ସହିତ କୃଷି କାର୍ଯ୍ୟ ଓ ଗୋପାଳନରେ ପରିବାରକୁ ସହାୟତା କରି ଆସୁଥିଲେ। ଏହାଦ୍ବାରା ସେମାନଙ୍କର କୃଷି କାର୍ଯ୍ୟ ପ୍ରତି ରୁଚି ତଥା କୃଷି ଓ ପ୍ରକୃତି ସଂପର୍କିତ ଜ୍ଞାନ ବୃଦ୍ଧି ପାଉଥିଲା। ସ୍କୁଲ

କଲେଜମାନଙ୍କରେ ମଧ ତଦନୁଯାୟୀ ବାର୍ଷିକ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେଉଥିଲା। ଆମର କୃଷି କାର୍ଯ୍ୟ ଓ ପର୍ବ-ପର୍ବାଣିକୁ ଆଖି ଆଗରେ ରଖି ସ୍କୁଲ କଲେଜର ଛୁଟି ବ୍ୟବସ୍ଥା ମଧ ହେଉଥିଲା। ଏତିକି ବେଳେ ଆସୁଥିଲା ଧାନକଟା ଛୁଟି।

ଆମ ସମୟରେ ଓଡ଼ିଶା ସରକାରଙ୍କ ମାଧମିକ ଶିକ୍ଷା ପରିଷଦରେ କୃଷି ବିଜ୍ଞାନ ନାମରେ ଦୁଇଟି ବହି ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢ଼ା ଯାଉଥିଲା।ଅମେ ଧାନକଟା ଛୁଟି ସଂପର୍କରେ ରଚନା ଲେଖୁଥିଲୁ।ଏବେ ଆଉ ସେଭଳି ହେବାର ଆବଶ୍ୟକତା କି ସଂଭାବନା ନାହିଁ। ଆମ ପିଲାଏ କୃଷିଠୁ ଏତେ ଦୂରେଇ ଯାଇଛନ୍ତି ଯେ ଅଧିକାଂଶ ଆଜିକାର ପିଲା ବିଭିନ୍ନ ଶସ୍ୟ, ଦେଶୀ ପରିବା ବା ଦେଶୀ କୋଳି ଆଦିକୁ ଚିହ୍ନି ପାରିବେ ନାହିଁ।

ଏ ସମୟରେ ସହରସବୁ ଖାଲି ହୋଇଯାଉଥିଲା। ମଜୁରିଆ ବା ରିକ୍ସାବାଲାଟିଏ ଖୋଜିଲେ ବି ମିଳିବା ମୁସ୍କିଲ ହୋଇପଡୁଥିଲା। ଧୋବା, ଭଣ୍ଡାରୀ, ଦରଜି, ହାଟୁଆଙ୍କ ଠାରୁ ଆରମ୍ଭ କରି ପଦସ୍ଥ ସରକାରୀ ଅଧିକାରୀମାନେ ମଧ ଗାଁକୁ ଯାଉଥିଲେ ଓ ସପରିବାର ଧାନକଟା କାମରେ ସାମିଲ ହେଉଥିଲେ। ଗାଁ ସ୍କୁଲର ଶିକ୍ଷକ ନିଜେ ଧାନ କାଟୁଥିଲେ ଏବଂ ଛାତ୍ରଛାତ୍ରୀମାନେ ବାପା ମାଆଙ୍କ ଧାନକଟାରେ ସାହାଯ୍ୟ କରୁଥିଲେ । ଧାନ କଟା, ବେଙ୍ଗଳା, ଉଷୁଆଁ ଆଦିର  ସେ ଆନନ୍ଦାନୁଭୂତି ସହିତ ଆମେ ପ୍ରକୃତି ଓ ଜୀବନ ସହିତ ନିବିଡ଼ତର ହେଉଥିଲୁ ଆଉ ଅଜାଣତରେ, ବିନା ବହି ପତ୍ରରେ ପଢୁଥିଲୁ ଜୀବବିଜ୍ଞାନ, ପ୍ରକୃତି ବିଜ୍ଞାନ, କୃଷିବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଚିରନ୍ତନ ବିକାଶର ମଞ୍ଜି କଥା ସବୁ। ପ୍ରକୃତି ଓ ଗ୍ରାମ୍ୟ ସମାଜ ଥିଲା ଆମର ମୁକ୍ତ ବିଦ୍ୟାଳୟ ଏବଂ ଜେଜେ ବାପାଙ୍କଠୁ ହଳିଆଯାଏ ସବୁ ମଣିଷ ତଥା ବଳଦଠାରୁ ବିଲର ଗାବୁଆମୁଷା ଯାଏ ଜୀବଜନ୍ତୁ ଥିଲେ ଆମର ବିଦ୍ୟାଗୁରୁ।

ଧାନ ଚାଷରେ ଧାନକଟା ହେଉଛି ସବୁଠାରୁ ଗୁରୁତ୍ବପୂର୍ଣ୍ଣ ଅଂଶ। ଏଥିପାଇଁ ଗୋଟିଏ ସମୟରେ ବହୁତ ଲୋକବଳର ଆବଶ୍ୟକ ହୁଏ। କାରଣ ଏକା ସମୟରେ ସମସ୍ତଙ୍କ ଧାନ ପାଚେ। ଧାନ ପାଚୁପାଚୁ ଯଦି କାଟି ଅଣା ନଯାଏ, ତେବେ ହାତୀ, ହରିଣଠାରୁ ଚଢ଼େଇ, ମୂଷା ପର୍ଯ୍ୟନ୍ତ ଖାଇଯିବାର ଆଶଙ୍କା ଥାଏ। ଅଦିନିଆ ଲଘୁଚାପ ଆସିଲେ ସାମାନ୍ୟ ବର୍ଷାରେ ଫଳଭରା ଧାନଗଛ ପାଣିରେ ପଡ଼ି ଗଜାହୋଇଯାଏ। ଧାନ ଅତି ଶୁଖିଗଲେ ବିଲରେ ହିଁ ଝଡ଼ିପଡ଼େ। ତେଣୁ ଧାନକଟା ସଠିକ୍ ସମୟରେ ନହେଲେ ଚାଷୀର ଛ'ମାସର ଅକ୍ଳାନ୍ତ ପରିଶ୍ରମ, ବର୍ଷକର ଖାଦ୍ୟ, ବିହନ, ଋଣକରଜ ଶୁଝା କି ବାହାପୁଆଣି ଖର୍ଚ୍ଚ ତୁଲେଇବାର ଆଶା ସବୁ କିଛି ଗୋଟିଏ ଦିନରେ ଧୂଳିସାତ୍ ହୋଇଯାଏ। ତା'ଛଡ଼ା ଧାନ ଖାଲି କାଟିଦେଲେ ହେବ ନାହିଁ, ତାକୁ ତୁରନ୍ତ ଖଳାକୁ ସ୍ଥାନାନ୍ତରିତ କରିବା ଦରକାର ଏବଂ ଖଳାରୁ ମଧ ଯଥାଶୀଘ୍ର ବେଙ୍ଗଳାକରି ନଡ଼ାଗଦା କରି ଧାନ ଘରକୁ ନେଇଯିବା ଆବଶ୍ୟକ। ନହେଲେ ନିଆଁ ପାଣିର ଭୟ ଲାଗି ରହେ। ଧାନରୁ ଚାଉଳ କରିବାପାଇଁ ମଧ ଏ ସମୟର ଜଳବାୟୁ ସର୍ବୋତ୍କୃଷ୍ଟ। ଏ ସମୟର ଦିନର ଖରା, ରାତିର ଶୀତ କାକର, କମ ଆର୍ଦ୍ର ବାୟୁମଣ୍ଡଳ ଚାଉଳ କରିବାପାଇଁ ଖୁବ ଅନୁକୂଳ। ଟିକିଏ ଡେରିହେଲେ ପାଗ ବିଗିଡ଼ିଯାଏ। ଚାଉଳ ଭଲ ହୁଏନାହିଁ। ତେଣୁ ଏହି ସମୟରେ ହିଁ ଧାନ ସିଝେଇ ଛାଇରେ ଶୁଖାଇ ଉଷୁନା ଚାଉଳ ଏବଂ ଖରାରେ ଶୁଖେଇ ଅରୁଆ ଚାଉଳ କରାଯାଏ, ବସ୍ତା ବା ଓଳିଆବାନ୍ଧି ସାଇତି ରଖାଯାଏ। 'ଏକାବେଳକେ ଏତେଗୁଡ଼ାଏ କାମ ଏକୁଟିଆ କରିବା ଚାଷୀ ପାଇଁ ଅସମ୍ଭବ ହୋଇପଡ଼େ।

ଏ କଥାର ଗୁରୁତ୍ୱ ସମସ୍ତେ ବୁଝୁଥିଲେ ବୋଲି  ପ୍ରବାସରେ ରହୁଥିବା ଘରର ପ୍ରତେକ ସଦସ୍ୟ ସ୍ୱତଃସ୍ଫୁର୍ତ୍ତ ଭାବେ ଗାଁକୁ ଆସୁଥିଲେ ଏବଂ ସାଧ୍ୟମତେ ଧାନ ଅମଳ କାମରେ ସାମିଲ୍ ହେଉଥିଲା। ବନ୍ଧୁବାନ୍ଧବ ନିଜେ ଆସି ସାହାଯ୍ୟ କରୁଥିଲେ ବା ହଳିଆ, ଶଗଡ଼, ହଳବଳଦ ପଠାଉଥିଲେ। ସାଇପଡ଼ିଶାଙ୍କ ସହିତ ବିନିମୟର ପରମ୍ପରା ଥିଲା- ଆଜି ତୁ ମୋର ଧାନ କାଟି ଦେଲେ କାଲି ମୁଁ ତୋ'ର କାଟି ଦେବି, ମୁଁ ତୋ'ର ବଳଦହଳ ବେଙ୍ଗଳା ପାଇଁ ନେଉଛି, ତା'ବଦଳରେ ତତେ ଗାଈବଳଦ ଖାଇବାକୁ ନଡ଼ା ପାଳ ଦେବି, ତୁ ମୋ' ପାଇଁ ଢ଼ିଙ୍କି କୁଟିଦେବୁ, ମୁଁ ତୋ ପାଇଁ ଚାଉଳ ପାଛୁଡ଼ି ଦେବି। ଏହାଦ୍ବାରା ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମ ବିନା ଖର୍ଚ୍ଚରେ, ସମସ୍ତଙ୍କ ସାହାଯ୍ୟ ସହଯୋଗରେ ଉଠିଯାଉଥିଲା। ପରସ୍ପର ମଧ୍ୟରେ ସମ୍ପର୍କ ମଜଭୁତ ହେଉଥିଲା, ଏକତା ସୁଦୃଢ଼ ହେଉଥିଲା, ସମ୍ପଦରେ ବିପଦରେ ପରସ୍ପରକୁ ସାହାଯ୍ୟ କରିବାର ମନୋବୃତ୍ତି ବୃଦ୍ଧି ପାଉଥିଲା। ପ୍ରବାସୀ ସହରୀମାନେ ଗାଁ ସହିତ ସମ୍ପର୍କ ରଖିବାର, ନିଜ ଜମିର ଚାଉଳ ଖାଇବାର ସୁଯୋଗ ପାଉଥିଲେ। ପିଲାଏ ପୋଥି ବିଦ୍ୟାରେ ବିରଳ ଅନେକ ଜ୍ଞାନଲାଭ କରୁଥିଲେ ଏବଂ ଅନ୍ନର ମହତ୍ତ୍ୱ ବୁଝୁଥିଲେ।

ତେବେ, ସେ ଯାହା ହେଉ ଆମ ରାଜ୍ୟରେ ବା ଦେଶରେ ପ୍ରଥମେ ଇଂରେଜୀ ମାଧ୍ୟମରେ ଶିକ୍ଷା ଦିଆଗଲା କନଭେଣ୍ଟ ସ୍କୁଲ ଜରିଆରେ। ଯେଗୁଡ଼ିକ ଚର୍ଚ୍ଚ ଦ୍ବାରା ପରିଚାଳିତ। ତେଣୁ ବଡ଼ ଦିନ ବା ଡିସେମ୍ବର ୨୫କୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ରୂପେ ପାଳନ କରି କନଭେଣ୍ଟ ସ୍କୁଲଗୁଡ଼ିକ କିଛି ଦିନର ଛୁଟି ଦେଲେ। ତା'ପରେ ଯଦିଓ ବିଭିନ୍ନ ଭାରତୀୟ ଅନୁଷ୍ଠାନଗୁଡ଼ିକ ଇଂରେଜୀ ମାଧ୍ୟମ ସ୍କୁଲ ତିଆରି କଲେ ଏହି ଶୀତ ଦିନିଆ ଛୁଟି ବଡ଼ ଦିନ ଛୁଟି ଭାବେ ପରିଚିତି ପାଇଲା।

ଏହା ଦେଖି ଓଡ଼ିଆ ମାଧ୍ୟମ ସରକାରୀ ସ୍କୁଲରେ ଧାନ କଟା ଛୁଟି ଜାଗାରେ ପିଲାଙ୍କୁ ବଡ଼ଦିନ ଛୁଟି ବା ଏକ୍ସ-ମାସ ଛୁଟି ମିଳିଲା। ଏଣିକି ପିଲାଏ ଆଉ ଧାନ କଟାରେ ସାହାଯ୍ୟ କରୁ ନ ଥିଲେ। ସେମାନେ ଚାକିରି ମନସ୍କ ଓ କ୍ୟାରିଅର ଲାଗି ସ୍କୁଲ ପରେ ଟ୍ୟୁସନ ଗଲେ। ସେମାନଙ୍କୁ ଆଉ ସମୟ ମିଳିଲା ନାହିଁ। କ୍ରମେ ବାପାମାନେ ବିଲବାଡ଼ି କାମ ଲାଗି କୃଷି ଶ୍ରମିକଙ୍କୁ ଲଗାଇଲେ। ସେଥିରେ ଖର୍ଚ୍ଚ ଅଧିକ ହେଲା, କିନ୍ତୁ ପିଲାମାନଙ୍କ ପଢ଼ା ସମୟ ନଷ୍ଟ ହେଉନାହିଁ ବୋଲି ସେମାନେ ସାନ୍ତ୍ୱନା ପାଇଲେ। ଏବେ ତ ଚାଷ କାମ ସବୁ ଯନ୍ତ୍ରରେ ହେଉଛି। ତେଣୁ ଆଉ ପିଲାଏ ଧାନ କଟା ଛୁଟି ନେଇ କରିବେ କ'ଣ? କିନ୍ତୁ ବିଡ଼ମ୍ବନାଟି ହେଲା ଏବେ ପ୍ରତି ବର୍ଷ ୫.୫ ଲକ୍ଷ ପିଲା ଦଶମ ଶ୍ରେଣୀ ପରୀକ୍ଷା ଦେଉଛନ୍ତି। ଏତେ ପିଲା ପ୍ରତି ବର୍ଷ ବାହାରିଲେ ସେମାନଙ୍କ ଲାଗି ଚାକିରି କାହିଁ? ତେଣୁ ଆମ ପିଲାଏ ନା କୃଷିରେ ନା ଚାକିରିରେ ଠିକଣା ଭାବେ ନିୟୋଜିତ ହୋଇ ପାରୁଛନ୍ତି! ତେଣୁ ବେକାରଙ୍କ ସଂଖ୍ୟା ପ୍ରତି ଦିନ ବୃଦ୍ଧି ପାଇବାରେ ଲାଗିଛି।

ଛୁଟିଦିନ ଗୁଡିକର ମହତ୍ତ୍ୱ ବୁଝିଲେ ତାହାର ସଦୁପଯୋଗ ହୋଇ ପାରିବ | ଆନନ୍ଦ, ଖେଳ ବି ଜରୁରୀ | କିନ୍ତୁ ମହତ୍ତ୍ୱର କାର୍ଯ୍ୟକାରିତା ଯେ ଏକ ଉତ୍ତମ ସମାଜ ଗଠନରେ ସହାୟକ ହେବ ଏଥିରେ ଦ୍ବିଧା ନାହିଁ | ଏ ଦିଗରେ ସକାରାତ୍ମକ ଚେତନା ଓ କାର୍ଯ୍ୟ ସମସ୍ତେ କରିବା ଆବଶ୍ୟକ |

## ପ୍ରାନଭି ର ପାପା

ଛୋଟ ଛୋଟ ଫୁଲ ର ପାଖୁଡା ପରି ସୁନ୍ଦର ଗାଲ ମୋ ଝିଅ ର . ଆଖି ତାର ଗଭୀର ସମୁଦ୍ର , ମୁରୁକି ମୁରୁକି ହସିକି ଯେତେ ବେଳେ ସେ ମ ପାଖକୁ ଆସେ , ଯେତେ ବଡ କାମ ରେ ବ୍ୟସ୍ତ ଥିଲେ ବି ତୁମକୁ ତା ପାଇଁ time ଦେବାକୁ ପଡିବ. ନହେଲେ ସେ ସମୁଦ୍ର ପରି ଆଖି ରୁ ୨ ୩ ବାଲ୍ଟି ପାଣି ସେ use କରିବାକୁ ପୋଛାଇବ ନାଇଁ . ଆଉ ଏ ବାପା ର ଯେତେ କଠୋର ହୃଦୟ ଥିଲେ ବି ସେଇ ପାଣି ରେ ପୂରା ତରଳି ଯିବ .

ଆଜି ପୁଣି ସେ ଆସିଲା ମ ପାଖକୁ କିନ୍ତୁ ସେ ତାର ସବୁ ଦିନି ର ଅଳୀ କଲାନି , ସେ ଏ ଥର Fortnight subscription ନା କିଛି ନୂଆ App ର request ଆଣିଲା . ମ fully trained ବାପା ମସ୍ତିଷ୍କକୁ ଏ instruction ବହୁତ ସରଳ ପ୍ରୋସେସିଂ ଲାଗିଲା. ମୁ ତାର demand ଆରାମ ରେ fulfill କରିଦିଏ generally , ଏ ନୂଆ instruction ପୂରା googly ball ସେ cricket ଗେମ ପରି ଆସିଲା .

ଏ ଥର ସେ ଆସିକି ମୋତେ କୁଣ୍ଢେଇ ପକାଇଲା , ତାର କୁନି କୁନି ହାଥ ମ obese ବେକ ରେ ଓହଳି ଗଲା. ତାର height ବି ବଢ଼ିଲାଣି , ଚଷମା ଲାଗିଲି ଝିଅ ମୋରୋ ପୂରା ପାଠୁଆ ଲାଗୁଛି.

କହିଲା "ପାପା ( ଆମେରିକା ପିଲା ସବୁ ବାପା ଙ୍କୁ ପାପା କରି ଦେଇଛନ୍ତି ) I love you , thank you for working hard for the family "

ମ ବାପା/ପାପା brain ଗୋଟେ ସେକେଣ୍ଡ ପାଇଁ ଶୁନ୍ୟ ହେଇଗଲା , ଏ ନୂଆ type ର appreciation ପାଇଁ ready ନଥିଲା , ନେକ୍ସଟ ମ reply

——

next ମ reply କଣ ହେବ ? କାହିଁକି ସେ ଏମିତି କହିଲା ? ତା ଦେହ ମୁଣ୍ଡ ଠିକ ଅଛି ତ? କିଛି ଦିନ ତଳେ ସେ mild headache ପାଇଁ complain ତ କରିଥିଲା ? Dr ଦେଖାଇବା କି ? thermometer ତାକୁ ଅନ୍ୟ ରୁମ ରୁ ଆଣିବା ପାଇଁ କହିବି , ତା ମା ବି କହୁଥିଲା ସେ ଶୁଖିଲା ଦିଶୁଚି , କାଳେ viral ବି ହେଇପାରେ . ଏତେ ସବୁ ଚିନ୍ତା ମ ମନ ରେ ଆସିଲାଣି

Brain ଧୀରେ ଧୀରେ reprocessing କଲା , ଝିଅ ମୋରୋ ବହୁତ ସ୍ମାର୍ଟ , ସେ ଦେଖିଚି last କିଛି ମାସ ତା ପେରେଣ୍ଟସ ବହୁତ କାମ କରିଛନ୍ତି , unlike her brothers ସେ observe କରିଛି ଆମେ ସକାଳୁ ଉଠୁଛୁ , ଦିନ ସାରା ର schedule ସେ study କରିଛି , ଆମ job , kitchen ଆଉ outside activities ବାଦେ ବି ଆମେ ସେମାନଙ୍କୁ playground , occasional movie , vacation drive ରେ ନେବା ଆଣିବା କରୁଚୁ.

ତାଙ୍କ ଅଳି, ଝଗଡା , କାନ୍ଦ କଟା ମଧରେ ନିସ୍ୱାର୍ଥ ସାଧନା ଚଳାଇଛୁ , ହେଲେ ସେ ଜାଣିଲା କେମିତି ? ଆଉ ଆମ ଅନ୍ୟ ୨ଟା ପୁଅ ଏ ସବୁ କେମିତି ଦେଖି ନାହାନ୍ତି ?

ମ reply ବି simple ଥିଲା - 'Thank you so much Beta'

**ଝରକା ସେପଟର ବେଲଗଛ**

**By: Rabi Sahoo**




ପଢା ଟେବୁଲ୍ ଉପରୁ ମୁଣ୍ଡ ଉଠାଇ ଝରକା ବାଟେ ଚାହିଁ ଦେଲେ ହିଁ ଗଛଟା ଆଖିରେ ପଡିବ | ସିଧା ସିଧା ଉଠି ଯାଇଥିବା ତାଳ ଗଛଟା ନୁହେଁ, ତାକୁ ଟିକିଏ ଛାଡି ଅପେକ୍ଷାକୃତ କମ୍ ଉଚ୍ଚା, ଆଉ ଟିକିଏ ଝଙ୍କାଳିଆ ବେଲ୍ ଗଛଟା | ତାର ସେମିତି କିଛି ପ୍ରାଧାନ୍ୟ ନଥିଲା | ଅନ୍ୟ ବେଲ୍ ଗଛ ଭଳି ସେଥିରେ ବି ଫୁଲକଷି ଧରୁଥିଲା, ଆଉ ବେଲ ଫଳୁଥିଲା | ନ ଥିଲା ସେ ବେଲ୍ ଗୁଡିକର ଅସାଧାରଣ ଆକାର ଅବା ସ୍ୱାଦ | ଏ ସବୁ ସତ୍ତ୍ୱେ ଗ୍ରାମବାସୀମାନଙ୍କର ସେ ଗଛରୁ ବେଲ୍ ତୋଳିବାରେ ଥିଲା ଏକ ବିରାଟ ଝୁଙ୍କ | କିନ୍ତୁ ଏଥିରେ ସେମାନେ କ୍ୱଚିତ ସଫଳ ହେଉଥିଲେ | ଏହାର କାରଣ ଥିଲା, ଗଛ ମୂଳରେ ଦିନରାତି ଜଗି ବସୁଥିବା ବୁଢୀଟି | ତା ଗୋଚରରେ ଗଛରୁ ବେଲଟିଏ ତୋଳିବା ଏତେ ସହଜ ନ ଥିଲା | ସେ ଥିଲା ରାମ ମା | ରାମ ନାମକ କେଉଁ ଏକ ପୁତ୍ରକୁ ଜନ୍ମ ଦେଇ ସେ ନିଜ ପାଇଁ ଏ ନାଁ ଟା ଅନ୍ୟମାନଙ୍କ ଦ୍ୱାରା ପାଇଯାଇଥିଲା, ସେ ରାମର ଅସ୍ତିତ୍ୱ ସମ୍ପର୍କରେ ଏବେ ବି ଗ୍ରାମବାସୀମାନେ ସନ୍ଦିହାନ |

ରାମ ମା ର ପାଟିଟା ଥିଲା ତୀକ୍ଷ୍ଣ ଛୁରୀକା ଭଳି | ଅନ୍ୟ କୌଣସି ପ୍ରକାରର କ୍ଷତି ଘଟାଇବାକୁ ଅକ୍ଷମ ଥିବା ରାମ ମା ତାର ପାଟି ଏବଂ ଅଭ୍ୟାସଗତ କେତେଗୁଡିଏ ଗାଳି ସାହାଯ୍ୟରେ ତା ଗଛଟିକୁ ଏବଂ ଗଛର ଫଳଗୁଡିକୁ ଗ୍ରାମବାସୀଙ୍କ ଲୋଲୁପଦୃଷ୍ଟିରୁ ରକ୍ଷା କରିପାରୁଥିଲା | ଗ୍ରାମ୍ୟଜୀବନର ନିତ୍ୟ ବ୍ୟବହୃତ କେତେଗୁଡିଏ ଗାଳିକୁ (ଯାହାଭିତରୁ ଅନେକର ଅର୍ଥ ମୋ ପାଇଁ ଅଜଣା) ରାମ ମା ସଜାଇ ରଖିଥାଏ: ତୁମକୁ କୌଣସି ଯୋଗିନୀ ନାମ୍ନୀ ରାକ୍ଷସୀ ଭକ୍ଷଣ କରୁ, ତୁମ ବାପାର ମୃତ୍ୟୁ ହୋଇ ମା ବିଧବା ହେଉ, ତୁମର ଅଳ୍ପାୟୁଷ ହେଉ, …. ଇତ୍ୟାଦି, ଇତ୍ୟାଦି | ବୁଢୀର ଏସବୁ ଗାଳିଗୁଡିକର ପ୍ରଭାବ କେତେଦୂର ଥିଲା କେଜାଣି, କିନ୍ତୁ ଏ ସବୁର ସାହାଯ୍ୟରେ ସେ ଅନ୍ୟମାନଙ୍କୁ ଭୟଭୀତ କରାଇ ପାରୁଥିଲା | ଆଶ୍ଚର୍ଯ୍ୟର କଥା ଥିଲା, ଗ୍ରାମର ସବୁଠାରୁ ସୁନ୍ଦର ସ୍ୱାସ୍ଥ୍ୟ ବହନ କରୁଥିବା ଯୁବକମାନେ, ଯେଉଁମାନେ କି ସମୟେ ସମୟେ ଅନ୍ୟମାନଙ୍କ ଆଗରେ ସେମାନଙ୍କର ପରାକ୍ରମ ଦେଖାଇଛନ୍ତି ଏବଂ ନିଜର ପରାକ୍ରମ ଦ୍ୱାରା ଶତ୍ରୁକୁ ଭୀତତ୍ରସ୍ତ ମଧ କରିଛନ୍ତି, ସେଇ ଶକ୍ତିଶାଳୀ ଯୁବକମାନେ ରାମ ମା କୁ ପ୍ରାଣରେ ଡରନ୍ତି | ଆଉ ତା ଠାରୁ କୌତୁହଳପ୍ରଦ କଥା ହେଲା, ଏ ସବୁ ସତ୍ତ୍ୱେ ବି ରାମ ମା ଗଛରୁ ବେଲ୍ ଚୋରି ହୁଏ |

ସକାଳୁ ସେ କେତେବେଳେ ଉଠେ, ସେଇଟା ଜାଣିବା ଏତେ ସହଜ ନୁହେଁ | କାରଣ ବୁଢୀ ରାତିରେ ମଧ ଗଛଟିକୁ ଜଗି ବସିଥାଏ ବୋଲି ଗୁଜବ ଅଛି | ଗଛଟିର ସମ୍ମୁଖରେ ନୁଆଣିଆ ଚାଳଘରଟିଏ | ସମୟେ ସମୟେ ବୁଢୀ ତା ଭିତରେ ପଶେ | ହୁଏତ ଖାଦ୍ୟପ୍ରସ୍ତୁତି ପାଇଁ କିମ୍ବା ନିଜର ଅନ୍ୟ କିଛି ଗୃହକାର୍ଯ୍ୟ କରିବା ପାଇଁ | ଚାଳଘରର ପଛପଟକୁ ଛୋଟ ବାଡିଟିଏ, ଯେଉଁଥିରେ ଅନ୍ୟ କୌଣସି ଗଛ ନାହିଁ, କି ବୁଢୀ ସେଥିରେ ଅନ୍ୟ ଫସଲ୍ କିଛି କରେ ନାହିଁ | 'କରେ ନାହିଁ ' ଅପେକ୍ଷା 'କରିପାରେ ନାହିଁ ' ବୋଧହୁଏ ବେଶୀ ପ୍ରଯୁଜ୍ୟ ପଞ୍ଚଷଠି ଟପିଥିବା ରାମ ମା ପାଇଁ |

ନୀରୋଳା ମୁହୂର୍ତ୍ତମାନଙ୍କରେ ଯେତେବେଳେ ଗ୍ରାମର କିଶୋର, ଯୁବକମାନଙ୍କର ସମାବେଶ ହୁଏ, ସେତେବେଳେ ଏମିତି ଦିନ ଯାଇନି, ଯେଉଁଦିନ ବୁଢୀକଥା, ତା ବେଲଗଛ କଥା, ବେଲ୍ ଚୋରି କଥା ଉଠିନାହିଁ | କଳା ମଚ ମଚ ରତନା, ଯିଏ ଏବେ କେଉଁ ଫିଲ୍ମ ତାରକା ପରି ମୁଣ୍ଡର କେଶବିନ୍ୟାସକୁ ବଦଳାଇ ଦେଇଛି, ନିଶକୁ ଚାଞ୍ଛି ଚୁଞ୍ଛି ସଫା କରିଦେଇଛି, ଅଧିକାଂଶ ସମୟରେ କୁହେ – "ଆବେ କାଲି ବୁଢୀକି ପାନେ ଦେଇଛି | ମନେ ମନେ ଖୁସ୍, କଣ ନା ବେଲ୍ ଜଗିଛି | ଆରେ ଫୋପାଡି ଦେଲି ଟେକାଟିଏ ଟିକେ ଦୂରକୁ | ବେଲ୍ ଖସିଲା ଭାବି ବୁଢୀ ଯେମିତି ଖୋଜିବାକୁ ଯାଇଛି, ତା ଟୋକେଇରୁ ଦୁଇଟା ବେଲ୍ ଧରି ଛୁ | ବୁଢୀ ଦୂରରୁ କୋଉ ଚିହ୍ନି ପାରୁଛି | ଖାଲି ପଛପଟୁ ଯାହା ପାଟି କରୁଥିଲା" | ଏ କଥାର ସତ୍ୟତା କେତେ, ତା ପରେ ଏ ପ୍ରକାର ଉପାୟ ସବୁବେଳେ ପ୍ରୟୋଗ କରି, ରତନା କେତେ ପରିମାଣରେ ସଫଳକାମ ହେଉଥିବ, ସେ ସବୁର ବିଚାର ନକରି, ଅନ୍ୟମାନେ ତା ବାହାଦୁରୀକୁ ହାତତାଳି ମାରି ସମର୍ଥନ କରନ୍ତି | କିନ୍ତୁ ବୁଢୀକୁ ଟେକା ପଡିବା, ଆଉ ବେଲ୍ ପଡିବାର ଶବ୍ଦ ଆଉ ଦୂରତାର ପାର୍ଥକ୍ୟ ଯେ ବେଶ୍ ଭଲଭାବରେ ଜଣା, ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ | ରତନା କଥାରେ ଉତ୍ ଫୁଲିତ ହୋଇ ଟିପା ପ୍ୟାଣ୍ଟ ସାଙ୍ଗକୁ ଢିଲା ପଞ୍ଜାବୀ ପିନ୍ଧା ହରିଆ କହେ, ସେ କେମିତି ବୁଢୀ ସଙ୍ଗେ ଦୁଃଖ ସୁଃଖ ହୋଇ ତା ଟୋକେଇରୁ ବେଲ୍ ଚୋରି କରିଥିଲା | ଅନ୍ୟମାନେ ମଧ ବାହାରନ୍ତି ନିଜ ନିଜ ବାହାଦୁରୀ

ନେଇ - "କେମିତି ଟଙ୍କାରେ ଚାରିଟା ବେଲ ବିକୁଥିବା ବୁଢୀପାଖରୁ ଛଅଟା ବେଲ ଠକି ଅଣାଯାଇ ପାରିଥିଲା, ଆଉ ପରେ ପଇସା ଦିଆ ହେବ ବୋଲି କହି ଆଉ ଦିଆ ଯାଇ ନଥିଲା" | ସତରେ ବୁଢୀକୁ ଠକିବା, କେମିତି ସେମାନଙ୍କର ବାହାଦୁରୀର ଅଂଶବିଶେଷ ହୋଇଯାଇଥିଲା |

ନିହାତି ଭୟଙ୍କର ଭାବେ ବିଦିତ ବୁଢୀର ଚେହେରା ଥିଲା, ବାସ୍ତବରେ ଅତ୍ୟନ୍ତ ରୁଗ୍ଣ | ଭାଙ୍ଗି ପଡିଥିବା ଅଣ୍ଟାରେ ନଇଁ ନଇଁ ସେ ଚାଲୁଥାଏ | ସେମିତି ନଇଁ ନଇଁ ଗଛରୁ ପଡୁଥିବା ବେଲ ସେ ଗୋଟାଏ | ସମୟେ ସମୟେ କୌଣସି ଏକ ଗଛଚଢାଳୀକୁ ଡାକି, ଗୋଟିଏ ଯୋଡିଏ ବେଲ ଦେଇ ଗଛରୁ ପାଚିଲା ବେଲ ସବୁ ଝଡାଏ | ରାମ ମା'ର ଦୃଷ୍ଟିଶକ୍ତି ମଧ କମିଯାଇଛି | ଦୂରରୁ ମଣିଷ ଚିହ୍ନିପାରେ ନାହିଁ | ପାଖରେ ହେଲେ ସେ ଠିକ୍ ଚିହ୍ନି ପାରିବ | ପାଖରୁ ସେ ଛୋଟରୁ ବୁଢ଼ା ପର୍ଯ୍ୟନ୍ତ ଯାହାକୁ ଦେଖିଲେ କହିଦେଇ ପାରିବ, ଏ କାହାର ପୁଅ, କାହାର୍ ଝିଅ, ସାନ. ବଡ କିମ୍ବା ମଝିଆଁ | ବୁଢୀର କାନ କିନ୍ତୁ ବହୁତ ପତଳା, ଟିକିଏ ଖସ୍ ଶବ୍ଦ ହେଲେ ସେ ଚଞ୍ଚଳ ହୋଇଉଠେ | ସେଇଥିପାଇଁ ତ କେହି ତା ଗଛରୁ ବେଲ ଚୋରି କରିବା ପାଇଁ ସାହାସ କରିପାରନ୍ତି ନାହିଁ |

ମୋ ପଢା ଟେବୁଲ୍ ପାଖରୁ ଝରକା ବାଟ ଦେଇ ପ୍ରାୟ ମୁଁ ବୁଢୀକୁ ଲକ୍ଷ୍ୟ କରେ | ପୂର୍ବୋକ୍ତ ବାହାଦୁରୀ ସବୁରେ ପ୍ରଭାବିତ ହୋଇ, ବୈଶାଖର ଝାଞ୍ଜି ପ୍ରବାହିତ ଦ୍ୱିପହରରେ ପଢିବାର ଅଭିନୟ କରି, ମୁଁ ପ୍ରାୟ ସୁଯୋଗ ଖୋଜୁଥାଏ, କେମିତି ବୁଢୀ ଗଛରୁ ଗୋଟିଏ ଦୁଇଟା ବେଲ ଆଣିହେବ | ଆଣି ହେବ ନୁହେଁ, ଚୋରି କରି ହେବ | ଯାହା ଦ୍ୱାରା ମୁଁ ବି କିଛି ବାହାଦୁରୀ ଦେଖାଇ ପାରିବି | ବୋଉ ପାଖରୁ କେତେବେଳେ କେମିତି ପଇସା ନେଇ ବହୁଥର ବୁଢୀ ଠାରୁ ବେଲ ତ କିଣିଛି | କିନ୍ତୁ ସେଥିରେ ବା  ବାହାଦୁରୀ କାହିଁ ? ବୁଢୀ ପାଖରୁ ବେଲ ଚୋରି କରି ବାହାଦୁରୀ ମାରିବାରେ ରହିଛି, ଏକ ଅନନ୍ୟ ଆତ୍ମତୃପ୍ତି | ଆଉ ଏଇ ଆତ୍ମତୃପ୍ତି ଚରମ ସୀମାରେ ପହଞ୍ଚିଯାଏ ସେଇ ସମାବେଶରେ, ଯେତେବେଳେ ସେଠାରେ ସମସ୍ତଙ୍କ ଆଗରେ ନିଜର କୃତିତ୍ୱ ସବୁକୁ ଖୋଲି ଦିଆଯାଏ |

ଏମିତି ଏକ ସୁଯୋଗର ପ୍ରତୀକ୍ଷାରେ ଥାଇ ଦିନେ ମୁଁ ଝରକା ଏପଟରରୁ ଲକ୍ଷ୍ୟ କଲି ଯେ ବୁଢୀ ତାର ଘର ଭିତରକୁ ପଶିଲା | ଗୁଡାଏ ଦିନ ବୁଢୀର ଗତିବିଧି ଉପରେ ନଜର ରଖିବା ଫଳରେ ମୁଁ ଭଲ ଭାବରେ ଜାଣିଛି ଯେ, ଏ ସମୟରେ ବୁଢୀ ତା ଘର ଭିତରେ କିଛି ସମୟ ପାଇଁ ରହେ |  ଏପଟେ ଜୋର୍ ରେ ଗରମ ପଡି ଥିବାରୁ ବାପା ବୋଉ ସହଳ ଶୋଇ ଗଲେଣି ଖରାବେଳଟାରେ | ସଙ୍ଗେ ସଙ୍ଗେ ମୁଁ ବାହାରି ପଡିଲି | ବୁଢୀ କିଛି ସମୟ ତା ଘର ଭିତରେ ନିଶ୍ଚୟ ରହିବ | ତେଣୁ ମୁଁ ନିଶ୍ଚିନ୍ତରେ ଚାଲିଲି | ଗଛ ପାଖ ହୋଇ ଆସିଲା ବେଳକୁ ମୋ ଛାତିର ସ୍ପନ୍ଦନ ବଢି ଯାଇଥିଲା | ବୁଢୀ ପାଖରୁ ଚୋରି ! ମୁଁ ଭାବି ପାରୁ ନଥିଲି | କିନ୍ତୁ ରତନା, ହରିଆ ମାନଙ୍କର ବାହାଦୁରୀକୁ ସ୍ମରଣ କରି, ନିଜର ଚାଲିକୁ ଯଥା ସମ୍ଭବ ନିଶବ୍ଦ କରି, ଧଡ ପଡ ଛାତି ନେଇ, ମୁଁ ପହଞ୍ଚିଲି ଗଛ ପାଖରେ | ସମୟର ଅପଚୟ ନକରି ଚୁପ୍, ଚାପ୍ ତା ଟୋକେଇରୁ ଦୁଇଟା ବେଲ ଧରି ବାହାରି ଆସୁଛି, ବୁଢୀ ବାହାରି ପଡିଲା ଘର ଭିତରୁ | ତାକୁ ଦେଖି ବେଲ ଦୁଇଟାକୁ ଫୋପାଡି ଦେଇ ଛାନିଆରେ ଦୌଡି ପଳେଇବାକୁ ବସିଛି, ଗୋଡ ଖସିଗଲା, ପଡିଗଲି | ଦୌଡି ଆସିଲା ବୁଢୀ ତା ଭୟଙ୍କର ରଡି ଛାଡି | ଚୁପ୍, ଚାପ୍ ମୁଁ କାକୁସ୍ଥ ହୋଇ ଛିଡା ହୋଇ ଥାଏ, ଥରୁ ଥାଏ ମଧ | ପାଖରେ ଦେଖି ବୁଢୀ କହିଲା – "ହଇରେ ମାଧ, ତୁ ବେଲ ଚୋରି କରୁଥିଲୁ | ରହ ତୋ ବାପାକୁ ଯଦି ଆଜି ନ କହିଛି" | ମୁଁ ଆଉ ବୁଢୀ କଥା ଶୁଣିବା ଅବସ୍ଥାରେ ନଥିଲି |  ବାପାଙ୍କୁ କହିଦେବ ଶୁଣି, ଛାତିରେ ଛନକା ପଶିଗଲା | ଭୟର ରୂପ ପରିବର୍ତ୍ତନ ହୋଇଗଲା | ସେଥିରେ ଗର୍ଜନମୁଖୀ ବୁଢୀ ବଦଳରେ, ବେତ ହସ୍ତେ ଦଣ୍ଡାୟମାନ ବାପାଙ୍କର ରୁଦ୍ରମୂର୍ତ୍ତି ପ୍ରତୀୟମାନ ହେଲା | କ୍ଷଣେ ବିଳମ୍ବ ନ କରି, ଦେଲି ଗୋଟିଏ ଦୌଡ | ଭାବୁଥିଲି, ସତରେ ବାହାଦୁରୀ ଅଛି ବୁଢୀ ଠାରୁ ବେଲ ଚୋରି କରିବାରେ, ଯାହା କି ମୋ ଭଳି ପିଲାଙ୍କ ପକ୍ଷେ ସମ୍ଭବ ନୁହେଁ | ଏତେ ସତର୍କତା ସହିତ ଯାଇ ବି ଧରା ପଡିଗଲି | ବାହାଦୁର ବନିବାର ଫଳ ହେଲା ଓଲଟା |

ସେଦିନ ଅପରାହ୍ନଟା ମୋ ପାଇଁ ହୋଇ ଯାଇଥିଲା ଧୀର ଆଉ ବିଶାଦମୂଖର | ନିଜର ପରାଜୟର ଗ୍ଲାନିରେ ଯେତିକି ସନ୍ତପ୍ତ ହେଉ ନଥିଲି, ତହୁଁ ଅଧିକ ଥିଲା ଆସନ୍ନ ଭୟର ଚେହେରା | ବୁଢୀ ନିଶ୍ଚୟ ସନ୍ଧ୍ୟା ବେଳେ ବାପାଙ୍କୁ କହିବ | ଆଉ ତା ପରେ  ସନ୍ଧ୍ୟା ସମୟଟା କଟିବ ବାପାଙ୍କ ବେତ ପ୍ରହାରରେ | ଶିହରୀ ଉଠୁଥିଲି ଭୟରେ | ପ୍ରଥମରେ ଖରାବେଳେ ବାହାରକୁ ଯିବା ମନା, ଦ୍ୱିତୀୟରେ ଚୋରି ଉଦ୍ୟମ, ତେଣୁ ଆଜି ରକ୍ଷା ନାହିଁ | ସେଦିନ ଅପରାହ୍ନର ଆସରରେ ମୁଁ ଥିଲି ଏକରକମ ମୂକ | ବୁଢୀର ପ୍ରସଙ୍ଗ ଉତ୍ଥାପନ ହେଲା ବେଳକୁ ମୋ ଭିତରର ଭୟ ବଢି ଯାଉଥିଲା | ସମସ୍ତେ ନିଜର ବାହାଦୁରୀ ବଖାଣିବା ବେଳେ ମୁଁ ତାରିଫ ନ କରି ରହି ପାରୁ ନଥିଲି | ମୁଁ ତ ଆଜି ଅଙ୍ଗେ ନିଭେଇଛି, ବୁଢୀ କବଳରୁ ବେଲଟିଏ ଚୋରେଇ ଆଣିବା କେତେ କଷ୍ଟକର ବ୍ୟାପାର |

ସନ୍ଧ୍ୟାରେ ଘରକୁ ଫେରିଲି | ଘର ପାଖ ହେଲାବେଳେ ଦେଖିଲି, ବୁଢୀ ଆମ ଘର ଭିତରୁ ବାହାରି ଆସୁଛି | ତା ହେଲେ ବୁଢୀ ବାପାଙ୍କ ପାଖରେ ଫେରାଦ ହେବାକୁ ଆସିଥିଲା | ନିଜର ଭୟ ଦ୍ବିଗୁଣିତ ହୋଇଗଲା | ତାର ପ୍ରଭାବ ମୁହଁ ଉପରେ ବେଶ୍ ପଡୁଥିଲା | ପାଖ ଦେଇ ଚାଲିଗଲା ବେଳେ ବୁଢୀ ମୁଣ୍ଡ ଟେକି ମୋତେ ଚାହିଁଲା, ଆଉ ମୋର ଏ ଅବସ୍ଥା ଦେଖି ହସି ଦେଇ ଚାଲିଗଲା | “ହଁ ବଦମାସ୍ ବୁଢୀ, ମୋତେ ମାଡ ଖୁଆଇବ ବୋଲି ଏତେ ଖୁସି | କାହିଁ ଅନ୍ୟମାନଙ୍କର ତ କିଛି କରିପାରୁନୁ, ଯେଉଁମାନେ ସବୁବେଳେ ତୋ ଗଛରୁ ବେଲ ଚୋରି କରୁଛନ୍ତି | କାଣୀ ବିରାଡିର କୁଜି ଅସରପା ଉପରେ ରାଗ” | ଏ ଥିଲା ମୋର ନୀରବ ଧିକ୍କାର ବୁଢୀ ପ୍ରତି |

ନିଜର ହୃଦ୍ କମ୍ପନକୁ ଯଥା ସମ୍ଭବ ନିଜ ଭିତରେ ଚପାଇ, ବିଶେଷ କିଛି ଘଟି ନଥିବା ଭଙ୍ଗୀରେ ଅଭିନୟ କରିବାକୁ ଚେଷ୍ଟା କରି କରି ମୁଁ ଘରେ ପଶିଲି | ଘରେ ବୋଉ ଚୌକି ଉପରେ ବସିଥିଲା | ବାପା ଏପଟ ସେପଟ ହୋଇ ବୁଲୁଥିଲେ | ବୋଉ କହିଲା – “ ରାମ ମା ଆସିଥିଲା, ତୋ ପାଇଁ ବେଲ ଦେଇ ଯାଇଛି” |

ବର୍ତ୍ତମାନ ମୁଁ ଅପେକ୍ଷା କରୁଥିଲି, ମୋତେ ଉଦ୍ଦେଶ୍ୟ କରି ବାପାଙ୍କର ଅଗ୍ନି ଉଦ୍ଗାରଣକୁ | କାରଣ ବୁଢୀ ବେଶ୍ କିଛି ପଦ ମିଶେଇ କହିଥିବ | ସେଇଥିପାଇଁ ବେଲ ମଧ ଦେଖେଇବାକୁ ଆଣିଥିଲା |

ବାପା ପାଟି ଖୋଲିଲେ, କିନ୍ତୁ ବୋଉକୁ ଉଦ୍ଦେଶ୍ୟ କରି – “ଆଛା ବୁଢୀ ଗାଁ ଛାଡିବାର କେତେ ମାସ ପରେ ରାମ ଜନ୍ମ ହୋଇଥିଲା ?”

ମୁଁ କିଛି ବୁଝି ପାରିଲିନି, ବାପାଙ୍କର ବୋଉ ପ୍ରତି ଏମିତି ପ୍ରଶ୍ନରେ |

ବୋଉ କହିଲା – “ରାମ ବାପା ସାଙ୍ଗରେ ସେ ଚାକିରୀ କରିଥିବା ଜାଗାକୁ ଯିବାର ବର୍ଷେ ପରେ ରାମ ଜନ୍ମ ହୋଇଥିଲା | କଣ ଗୋଟିଏ ଦୁର୍ଘଟଣାରେ, ସେ ଦୁଇ ଜଣ ତାକୁ ଛାଡି ଚାଲି ଯିବା ପରେ ବୁଢୀ ପୁଣି ଗାଁକୁ ଫେରି ଆସିଲା | ତା ଠାରୁ ଏସବୁ ଶୁଣିବା କଥା | ଛୋଟ ପିଲା ଗୁଡାଙ୍କୁ ତାର ଭାରି ସ୍ନେହ | ରାମ କଥା ମନେ ପକାଉଥିବ | ଦେଖୁନ ମାଧ ପାଇଁ ଚାରିଟା ବେଲ ଦେଇଗଲା | ପଇସା ଯାଚିବାରୁ ନେଲା ନାହିଁ” |

ଏବେ ସବୁ ପରିଷ୍କାର ହୋଇଗଲା ମୋ ଆଗରେ | ଆଉ କିଛି ବୁଝେ ବା ନ ବୁଝେ, ମୁଁ ଶାନ୍ତିରେ ନିଶ୍ୱାସ ମାରିଲି ଯେ, ବାପା ରାଗି ନାହାନ୍ତି ମାନେ, ବୁଢୀ ଚୋରି ଉଦ୍ୟମ କଥା ବାପାଙ୍କୁ କହିନାହିଁ | ବୁଢୀ ପାଖରେ କୃତଜ୍ଞତାରେ ମୁଣ୍ଡ ନଇଁଗଲା ଏଇଥି ପାଇଁ ଯେ, ମୋ ମୁଣ୍ଡ ଉପରୁ ଦୀର୍ଘ ୫ ଘଣ୍ଟା ଧରି ଚାପି ହୋଇ ରହିଥିବା ଏକ ବିରାଟ ବୋଝକୁ ସେ ଖଲାସ କରିଦେଇଛି | ମୋତେ ଚୋରିରୁ କ୍ଷାନ୍ତ କରାଇ ସେ ଆଣି ବେଲ ଦେଇ ଯାଇଛି | ହୁଏତ ଭାବିଛି, ବେଲ ଖାଇବା ପାଇଁ ମନ ବଳେଇଥିବା ପିଲାଠାରୁ ବେଲ ଛଡାଇ ସେ ଭଲ କରି ନାହିଁ | ମୁଁ ଦୌଡି ଗଲି ମୋ ପଢା ଟେବୁଲ ପାଖକୁ | ଚେୟାର ଉପରେ ଝୁଙ୍କି ପଡି ଝରକା ବାଟେ ଚାହିଁଲି | ସନ୍ଧ୍ୟାର ସେଇ ପାତଳ ଅନ୍ଧାର ଭିତରେ ଗଛଟା ଦିଶୁଥିଲା ଅତ୍ୟନ୍ତ ମହାନ୍ | ଆଉ ତା ଚାରିପଟେ ନଇଁ ନଇଁ ବେଲ ଗୋଟାଉଥିବା ବୁଢୀଟି ଦିଶୁଥିଲା ଆହୁରି ମହନୀୟ | ପୁଣି ଥରେ ମୁଣ୍ଡ ନଇଁଗଲା |

# ଆମ୍ବ ବଉଳ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ



ଆଜି ବି ସେମିତି ଆମ୍ବ ବଉଳର ବାସ୍ନାରେ ତନୁଜାର ସାରା ଶରୀର ମହକିଗଲା । ଏ ଭିତରେ ଏତେ ସବୁ ବସନ୍ତ ବିତି ଯାଇଥିବା ସତ୍ୱେ ବି ଲାଗିଲା, ତା' ଗାଆଁର ବସନ୍ତ ସେମିତି ଅଛି । ଆମ୍ବ ବଉଳର ବାସ୍ନା ବି ସେମିତି ଅଛି । କେବଳ ଅଭାବ ଅଛି ବଉଳର, ଯାହା ସହିତ ସିଏ ଦିନେ ବଉଳ ବସିଥିଲା ।

ଏତେ ବର୍ଷ ଆମେରିକାରେ ରହିଗଲା ପରେ, ଆମ୍ବ ବଉଳର ବାସ୍ନା ତା' ପାଇଁ ଏକ ଦୁର୍ଲଭ ପଦାର୍ଥ ହୋଇଯାଇଥିଲା । ତାପରେ ସେମାନେ ଯେଉଁ ମେରୀଲାଣ୍ଡ ରାଜ୍ୟରେ ରୁହନ୍ତି, ସେଠି ଆମ୍ବ ବଉଳ ଦୁଷ୍ପ୍ରାପ୍ୟ କହିଲେ ଚଳେ । ସିଏ ଯେ ଏହା ଭିତରେ ଓଡିଶା ଆସିନି, ସେମିତି ନୁହେଁ । ତେବେ ଆସିଲେ ଅଧିକାଂଶ ସମୟ ସହରରେ ହିଁ ବିତିଯାଏ; କେବେ କଟକ ତ କେବେ ଭୁବନେଶ୍ୱର । କେବେ ଦିଲ୍ଲୀ ତ କେବେ ବାଙ୍ଗାଲୋର । ଦ୍ୱିତୀୟ କଥା ହେଲା, ଏବେ ଗାଆଁରେ ତା' ପରିବାରର ପ୍ରାୟତଃ କେହି ରହନ୍ତିନି । ଘରଟା ସେମିତି ମୂକସାକ୍ଷୀ ଭଳି ପଡିଥାଏ; କାଳେ କିଏ କେତେବେଳେ ଆସିଯିବେ ।

ହେଲେ ଏ ବର୍ଷ ଆମ୍ବ ବଉଳ ଧରିଥିବା ସମୟରେ ଗାଆଁକୁ ଆସିବାର ଗୋଟିଏ ତାତ୍ପର୍ଯ୍ୟ ଥିଲା । ସେ ତାତ୍ପର୍ଯ୍ୟ ତା' ବଉଳକୁ ନେଇ । ବଉଳର ସ୍ମୃତିକୁ ନେଇ ।

ଅନେକ ବର୍ଷ ତଳେ, ଆମ୍ବ ବଉଳକୁ ଆଣି ଦିହେଁ ପରସ୍ପରକୁ ଖୁଆଇ ବଉଳ ବସିଥିଲେ । ତାପରେ ତନୁଜାର ଘରକୁ ଆସି ପଖାଳରେ ସେଇ ଆମ୍ବ ବଉଳକୁ ପକାଇ ବାଇଗଣ ଭଜା, ଆଳୁ ଭର୍ତ୍ତା ଓ ବଡିଚୁରା ଲଗେଇ ପଖାଳ ଖାଇଥିଲେ । ପଖାଳରେ ଆମ୍ବ ବଉଳ ପଡିଲେ, ତାର ସ୍ୱାଦ ଅଧିକ ବଢିଯାଏ । ତନୁଜାର ଖୁଡି ବଳେଇ ବଳେଇ ଖୁଆଉଥିଲେ । କହୁଥିଲେ, "ମଲା, ତମେ ତ ସବୁ ପିଲା ଅଛ; ଯେତେ ଇଚ୍ଛା ସେତେ ଖାଇଯିବ । ତାହେଲେ ସିନା ବଳ ହେବ ।"

ବଉଳ କହିଲା, "ନାଇଁମ ଖୁଡୀ, ମୋ ବୋଉ ମତେ ଖୋଜୁଥିବ । ମୁଁ ଯାଏ । ଏତେତ ଖାଇଲିଣି । ପେଟ ପୂରିଗଲାଣି ।"

ତନୁଜା କହିଲା, "ଜାଣିଲ ଖୁଡୀ, ଆଜି ଆମେ ଦୁହେଁ ବଉଳ ବସିଲୁ । ତେଣୁ ମୁଁ ଆଉ ତା' ନାଁ ନେବିନି କି ସିଏ ମୋ ନାଁ ନେବନି । ତମେ ଏଇକଥା ମନେରଖିବ । ମୁଁ ଯେତେବେଳେ ବଉଳ ବୋଲି କହିବି, ତମେ ବୁଝିଯିବ ।"

ଖୁଡୀ ମୁଣ୍ଡ ଟୁଙ୍ଗାରି "ହଁ" କହିଥିଲେ । ତାପରେ ତନୁଜା ବଉଳ ସହିତ ଆର ସାହିକୁ ଯାଇ ତାଙ୍କ ଘରେ ତାକୁ ଛାଡିଦେଇ ଆସିଥିଲା । ସେ ବଉଳର ନାଁ ଥିଲା ପାର୍ବତୀ, ଡାକ ନାଁ ପାର ।

ନିଜ ମା' ପେଟର ଭଉଣୀ ସହିତ ବି କଳି ଝଗଡା ହୁଏ । ହେଲେ ପାର ସହିତ ତନୁଜାର ଝଗଡା ସେ ଗାଁରେ କେହି କେବେ ଶୁଣିନଥିବେ କି ଦେଖିନଥିବେ । କ୍ଷୀର, ନୀର ଭଳି ଦୁଇଜଣଙ୍କ ଭିତରେ ଅନେକ ସ୍ନେହ, ମମତା । ଦୁହେଁ ଗୋଟିଏ ସ୍କୁଲରେ ପଢନ୍ତି । ତନୁଜା ପାଠରେ ବିଚକ୍ଷଣ; ହେଲେ ପାର ପାଠରେ ସେତେ ବିଚକ୍ଷଣ ନୁହେଁ । ତେବେ ଗୀତ, ନାଚ, ନେତୃତ୍ୱରେ ପାର ବିଚକ୍ଷଣ । ମୋଟ ଉପରେ ଦୁଇଜଣ ଦୁଇଜଣଙ୍କ ଗୁଣର ପରିପୂରକ । ସେମାନେ ଅଲଗା ଅଲଗା ସାହିରେ ରୁହନ୍ତି । ତେଣୁ ବେଳେବେଳେ ସାହି ପିଲାମାନଙ୍କ ଭିତରେ ଛୋଟଛୋଟ ପ୍ରତିଦ୍ୱନ୍ଦିତା ଲାଗିଯାଏ । ଭାଲୁକୁଣୀ ଓଷାରେ କେଉଁ ସାହିର ମେଢ ଭଲ ହେବ । ଦୋଳ ପୂନେଇଁରେ କେଉଁ ସାହିର ବିମାନ ଭଲରେ ସଜା ହେବ । ତେବେ ସେସବୁ ତନୁଜା ଓ ପାର ମଧ୍ୟରେ ଫାଟ ସୃଷ୍ଟି କରିପାରନ୍ତିନି ।

ଓଡିଶାର ଗାଁ ଗହଳିରେ ବାରମାସରେ ତେର ପରବ । ସବୁ ପରବରେ କେତେବେଳେ ପାର ତାଙ୍କ ଘରକୁ ତନୁଜାକୁ ଡାକିନିଏ ତ କେତେବେଳେ ତନୁଜା ପାରକୁ ଡାକିନିଏ । ତନୁଜାର ମା' ସବୁବେଳେ ବାହାର କାମରେ ବ୍ୟସ୍ତ ରହିଯାନ୍ତି । ତନୁଜାର ଖୁଡୀ ହିଁ ତନୁଜା କଥା ବୁଝନ୍ତି । ତାଙ୍କର ଦୁଇଟି ପୁଅ; ଝିଅ ନଥିଲେ । ସାରା ଘରେ ତନୁଜା ଗୋଟିଏ ବୋଲି ଝିଅ । ତେଣୁ ମା ଘରେ ନଥିଲେ ବି ଖୁଡୀ ତାର ସବୁ ଇଚ୍ଛା ପୂରଣ କରନ୍ତି । ସେଇଭଳି ପାରକୁ ବି ସିଏ ଆପଣେଇ ନିଅନ୍ତି ଓ ତନୁଜା ଭଳି ସ୍ନେହ ଦେଖାନ୍ତି ।

ଯେତେବେଳେ ବିଲରେ ସୋରିଷ ଫୁଲ ଫୁଟିଆସେ, ଦୁଇ ସାଙ୍ଗ ସୋରିଷ ଖେତକୁ ଯାଇ ଫୁଲ ତୋଳି ଆଣନ୍ତି । ଖୁଡୀ ସେ ଫୁଲର ପତରପୋଡା ତିଆରି କରନ୍ତି ଓ ଦୁଇ ସାଙ୍ଗ ଖୁସି ହୋଇ ଖାଆନ୍ତି । ସେଇ ସୋରିଷ ଖେତ ଦିନେ ପାର ପାଇଁ କାଳ ହେଲା ।

ପାରର ସାହିରେ ଗୋଟିଏ ବାଲୁଙ୍ଗା ପିଲା ରହୁଥାଏ; ତା ନାଁ ହେଲା କନିଷ୍କ । ସେ ସମୟରେ ଲୋକମାନେ ସରଳ ଥିଲେ । ତେବେ ଜଣେଜଣେ ବାଲୁଙ୍ଗା ପିଲା ମଧ୍ୟ ଥାଆନ୍ତି । କନିଷ୍କର ବାପା କଲିକତାରେ କାମ କରନ୍ତି । ଘରେ କେବଳ ମା' ଓ ଜେଜେମା ରହନ୍ତି । କନିଷ୍କକୁ ଅତି ଗେହ୍ଲା କରି ତା' ଜେଜେମା ତାକୁ ଖରାପ କରିଦେଲେ । ପାଠଶାଠରେ ମନ ରଖେନି । ତେଣୁ ସ୍କୁଲରେ ମାଡ ଖାଏ । ଥରେ ପଞ୍ଚମ ଶ୍ରେଣୀରେ ସାର୍ ଗୋଟିଏ ପ୍ରଶ୍ନ ପଚାରିଥିଲେ । ସର୍ତ୍ତ ରଖିଥିଲେ ଯିଏ ପ୍ରଶ୍ନର ଉତ୍ତର ନ ଦେଇପାରିବ, ସିଏ ପ୍ରଶ୍ନର ଉତ୍ତର

ଦେଇଥିବା ପିଲାଠାରୁ କାନମୋଡା ଖାଇବ । ସେଇଥିପାଇଁ ତନୁଜାଠାରୁ କନିଷ୍କ କାନମୋଡା ଖାଇଥିଲା । କାନମୋଡା ଖାଇ ସିଏ ରାଗିକରି ରହିଥିଲା ଓ କେମିତି ପ୍ରତିଶୋଧ ନେବ ଭାବୁଥିଲା ।

ତା ପରବର୍ଷ ସେମାନଙ୍କ ସ୍କୁଲ୍ ବଦଳିଗଲା । କନିଷ୍କ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ହାଇସ୍କୁଲରେ ପଢିଲା ଓ ତନୁଜା ଏବଂ ପାର ବାଳିକା ବିଦ୍ୟାଳୟରେ ପଢିଲେ । ସେତେବେଳେ ମାଇନର ସ୍କୁଲ୍ ଓ ହାଇସ୍କୁଲ୍ ଗୋଟିଏ ସ୍କୁଲରେ ଥିଲା ଓ ସେ ସ୍କୁଲ୍‌କୁ ହାଇସ୍କୁଲ୍ ନାମରେ ନାମିତ କରାଯାଉଥିଲା । ସେମାନଙ୍କ ବୟସ ବଢିଲା । କିଶୋରୀରୁ ଯୁବତୀ ହୋଇଯିବା ପରେ ସେମାନଙ୍କ ଉପରେ କେତେଟା ସାମାଜିକ ଚଳଣି ଲାଗୁ ହୋଇଗଲା । ତଥାପି ଦୁଇଜଣଙ୍କର ସୋରିଷ ଫୁଲ ଫୁଟିଲେ ସୋରିଷ ଖେତକୁ ଯିବା ବନ୍ଦ ହୋଇନଥିଲା । ଖୁଡୀ ଉପଦେଶ ଦିଅନ୍ତି, "ଭାଇଙ୍କ ଭିତରୁ ଜଣକୁ ସାଙ୍ଗରେ ନେଇକି ଯିବ; ଫୁଲ ନେଇ ପଳେଇ ଆସିବ । ବେଳେବେଳେ ସେମାନେ ସେମିତି କରନ୍ତି, ପୁଣି ବେଳେବେଳେ ଦୁଇଜଣ ଏକା ଚାଲିଯାଆନ୍ତି ।

ସେତେବେଳକୁ ଦୁଇଜଣଙ୍କୁ ଚଉଦ ବର୍ଷ ହୋଇଥାଏ । ଦୁଇଜଣ ସୋରିଷ ଖେତରେ ବୁଲୁଥାନ୍ତି । ଗୁଣୁଗୁଣୁ ହୋଇ ଗୀତ ଗାଉଥାନ୍ତି ଓ ବେଳେବଳେ ଲୁଚକାଳି ଖେଳ ଖେଳୁଥାନ୍ତି । ଏମିତି ସମୟରେ କେତେବେଳେ ଆସି କନିଷ୍କ ତନୁଜାକୁ ମାଡିବସିଲା । ତନୁଜା ପାଟିକରି ଚିତ୍କାର କରିବାରୁ, ପାର ଆସି ପହଞ୍ଚିଗଲା ଓ ତନୁଜାକୁ ରକ୍ଷା କରିବାକୁ ଚେଷ୍ଟା କଲା । ହେଲେ କନିଷ୍କର ବଳ ସେମାନଙ୍କ ତୁଳନାରେ ଅଧିକ । ସିଏ ପାରକୁ ଧମକଦେଲା । ହେଲେ ପାର ନ ଶୁଣିବାରୁ, ତନୁଜାକୁ ଛାଡି ପାରକୁ ଧରି ଟେକିନେଲା ଓ ଜୋରରେ ଦଉଡିଯାଇ କେଉଁଠି ଲୁଚିଗଲା । ତନୁଜା ସେ ସୋରିଷ ଖେତ ସାରା ଖୋଜି ତାକୁ ପାଇଲାନି । ତାପରେ ପାଖ ଖେତରେ ଖୋଜି ମଧ ପାଇଲାନି । ଏମିତି ଖୋଜିଖୋଜି ବୁଲୁଥିବା ବେଳେ ଦାଦାଙ୍କ ପୁଅ ବୁଲା ଆସି ପହଞ୍ଚିଲା । ସେମାନଙ୍କର ଏତେ ଡେରି କାହିଁକି ହେଉଛି ବୋଲି ଖୁଡୀ ତାକୁ ପଠେଇଥିଲେ । ବୁଲା ଆସିବାରୁ ତନୁଜା ତାକୁ ସବୁ କହିଲା ଓ ସେ କନିଷ୍କକୁ ଧରିକି କେମିତି ପାନେ ଦିଆଯିବ, ସେ ପରାମର୍ଶ ଦେଲା । ତାପରେ ସେମାନେ ଖୋଜିଖୋଜି ପାରକୁ ପାଇଲେ । ହେଲେ ପାରର ଅବସ୍ଥା ଭଲନଥିଲା । କନିଷ୍କ ପଳେଇଯାଇଥିଲା ।

ସେଇଦିନରୁ ସବୁକିଛି ବଦଳିଗଲା । ପାରକୁ ତା' ମାମୁଙ୍କ ପାଖକୁ ଦିଲ୍ଲୀକୁ ପଠେଇ ଦିଆଗଲା । ତନୁଜାର ସ୍ୱାଧୀନତା ଉପରେ କଟକଣା ଲଗାଗଲା । ବୁଲା ତାର ଗାର୍ଡ ହୋଇ ରହିଲା ।

ସେଇଦିନଠାରୁ କନିଷ୍କ ଉପରେ ପ୍ରତିଶୋଧ କେମିତି ନିଆଯିବ, ସେନେଇ ତନୁଜା ଚିନ୍ତା କରିଆସୁଥିଲା । ଜେଜେମା ବୁଝାଉଥିଲେ, "ଦେଖେ, ସିଏ ପୁଅପିଲାଟା, ତାର ତ କିଛି ହେବନି । ଗାଆଁରେ ଯଦି ନିଶାପ ବସେ, ଓଲଟା ତୋର ଓ ପାରର ଅଧିକ ବଦନାମ ହେବ । ତେଣୁ ସବୁଠୁ ଭଲ ନିଜେ ସାବଧାନ ରହିବା । ବଡିଲାକୁଡିଲା ଝିଅ, ଟିକେ ବଦନାମ ହେଇଗଲେ, ସାରା ପରିବାରର ଇଜ୍ଜତମହତ ମାଟିରେ ମିଶିଯିବ ।" ତନୁଜା ସେସବୁ ବିଷୟରେ ପ୍ରତିବାଦ କରିବାକୁ ଇଚ୍ଛା କରୁଥିଲେ ବି ତା' ସହିତ କେହି ନଥିଲେ । ସେଇଦିନଠାରୁ କନିଷ୍କକୁ ଗାଁରେ ଦେଖିଲେ ତନୁଜାର ମୁଣ୍ଡ ଉପରକୁ ରକ୍ତ ଚଢିଯାଏ ଓ ତା' ମନରେ ପ୍ରତିଶୋଧର ଅଗ୍ନି ଜଳିଉଠେ । ମନେମନେ ସିଏ ଦ୍ରୌପଦୀଙ୍କ ଭଳି ଶପଥ ନେଇଥିଲା, "କନିଷ୍କ ମରିବାଦିନ ମୁଁ ମାଂସ ରାନ୍ଧିକି ସାରା ଗାଁରେ ଭୋଜି ଦେବି ।"

ତାପରେ ଆଉ ତନୁଜାକୁ ଗାଁ ଭଲ ଲାଗିଲାନି । ଆମ୍ବ ଗଛରେ ବଉଳ ହେଲେ, ତାର ମହକ ତା ତନ୍ତ୍ରୀରେ ବି ପ୍ରବେଶ କରେ । ତେବେ ସିଏ ଉଲ୍ଲସିତ ହୋଇପାରେନି । ବଉଳକୁ ଝୁରିହୁଏ । କନିଷ୍କର ମୃତ୍ୟୁ ପାଇଁ ସିଏ ଠାକୁରଙ୍କୁ ବି ଅନେକ ଡାକିଛି । ଅଜବଅଜବ କଥା ବି ଭାବିଛି କନିଷ୍କର ମୃତ୍ୟୁକୁ ନେଇକି ।  ସେତେବେଳେ ତାର ପ୍ରେତ ମାନଙ୍କ ଉପରେ ବିଶ୍ୱାସ ଥିଲା । କୋଉ ଗୋଟିଏ ପ୍ରେତ କନିଷ୍କକୁ ଖାଇଯାଆନ୍ତା କି ? ତାକୁ ବିଜୁଳି ଚଡକ ମାରନ୍ତା କି ? ତାକୁ ସରୀସୃପ ଆଘାତ କରନ୍ତା କି; ତାକୁ କିଛି ବଡ ଧରଣର ରୋଗ ହୁଅନ୍ତା କି ? ଏମିତି ଅନେକ କିଛି । ହେଲେ କନିଷ୍କର କିଛି ହୁଏନି । କନିଷ୍କର ବଦମାସୀ କୀର୍ତ୍ତି କାରନାମା ସବୁବେଳେ ଶୁଣାଯାଏ । କୋଉ ନୂଆ ବୋହୂ ବାଡିକୁ ପରିସ୍ରା କରି ଯାଇଥିଲା, ଉଠି ଦେଖେ ତ କନିଷ୍କ ତା' ପଛରେ ଆସି ଉଭା । କେଉଁ ଝିଅଟିଏ ସ୍କୁଲ୍‌ରୁ ଏକୁଟିଆ ଫେରୁଥିଲା, କନିଷ୍କ ତାକୁ କୁଣ୍ଢେଇ ପକେଇଲା । ଏମିତି ସବୁ କଥା । ହେଲେ, "ଆଲୋ ସଖୀ, ଆପଣା ମହତ ଆପେ ରଖି" ଛଳରେ ସମସ୍ତେ ଫୁସ୍‌ଫାସ୍ ହୁଅନ୍ତି, କିନ୍ତୁ ନିଶାପ ବସେନି କି କନିଷ୍କ ଉପରେ କିଛି ବି ଦଣ୍ଡାଦେଶ ହୁଏନି । ବରଂ ତା' ଜେଜେମା ଆହୁରି ଫୁଲେଇ ହେଇ ଗାଁ ସାରା କହିବୁଲେ, "ମଲା, ମୋ ନାତିଟା ଭେଣ୍ଡିଆ ହେଇଗଲାଣି ତ । ତମେ ସବୁ ସେଥିପାଇଁ ଜଳୁଛ, ତାକୁ ଦେଖି ସହି ପାରୁନା । ତା' ନାଁରେ ଏତେକଥା ଲଗେଇକୁଟେଇ କହୁଛ ।"

ବଉଳ ଆଉ ତାଙ୍କ ଗାଁକୁ କେବେ ଫେରିଲାନି । ତା' ମନରେ କନିଷ୍କ ପାଇଁ ଯେଉଁ ଆଘାତ ଲାଗିଲା, ଶରୀରରେ ଯେଉଁ କାଳିମା ଲାଗିଲା, ସେଥିପାଇଁ ତାକୁ ସେ ଗାଁକୁ ଆସିବାକୁ ଡରଲାଗେ । ହେଲେ କନିଷ୍କର କିଛି ହେଲାନି । କିଛିଦିନ ପରେ ସିଏ ବାହାସାହା ହୋଇ ଗାଁର ନେତା ହୋଇଗଲା । ସମସ୍ତେ କନିଷ୍କ ବାବୁ କହି ତା ପଛରେ ଦଉଡୁଥିଲେ । କନିଷ୍କକୁ ବାହା ହୋଇଥିବା ନାରୀଟି ପ୍ରତି ମନେମନେ ଅନୁଗ୍ରହ ଜାଗେ । ହେଲେ ହୃଦୟ ଭିତରେ ଥିବା ପ୍ରତିଶୋଧର ଭାବନା କେବେ ପ୍ରଶମିତ ହୁଏନି ।

ବଉଳ ସହିତ ବି ଆଉ ତନୁଜାର ଭେଟ ହୋଇନି । ଦିଲ୍ଲୀରେ ସିଏ ହାଇସ୍କୁଲ୍ ପରେ ଗୋଟିଏ ହିନ୍ଦୁସ୍ଥାନୀ ସଙ୍ଗୀତ ସ୍କୁଲରେ ଭର୍ତ୍ତି ହୋଇଥିଲା ବୋଲି ବୁଲା କହୁଥିଲା । ତେବେ ଝିଅଙ୍କ ପାଇଁ ତ ହଜାର କଟକଣା । ହାଇସ୍କୁଲ୍ ପରେ ତନୁଜାକୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ବି ଅନେକ ସଂଘର୍ଷ କରି ପଢିବାକୁ ପଡିଛି । ସେଇ ସଂଘର୍ଷ ଭିତରେ ସିଏ ନିଜକୁ ବି ଭୁଲିଯାଇଥିଲା । ସେତେବେଳେ ତ ଏମିତି ମୋବାଇଲ୍ ଫୋନ୍‌ର ପ୍ରଚଳନ ନଥିଲା କି ଗାଁରେ ବି ଘରେଘରେ ଟିଭି ନଥିଲା । ଖଣ୍ଡେ ଚିଠି ପାଇବାକୁ କେତେଦିନ ଲାଗିଯାଉଥିଲା । ପୁଣି ଗାଁରେ ଗୁଡିଏ ଲୋକ ଥାଆନ୍ତି, ଅନ୍ୟର ଚିଠିକୁ ବି ଚୋରେଇ ନେଇ ରଖିଦିଅନ୍ତି ।

ଯେଉଁଦିନ ତନୁଜା ଗାଁ ଛାଡି କଟକରେ କଲେଜରେ ପଢିବାକୁ ଆସିଲା, ନିଜର ଭାଗ୍ୟକୁ ଧନ୍ୟ ମନେକରିଥିଲା । ଏବେ ତାକୁ ସେ ପୋଡାମୁହାଁ କନିଷ୍କକୁ ଛାଡି ଫୁଲେଇ ଗାଁ ଦାଣ୍ଡରେ ବାଟ ଚାଲିବାର ଦେଖିବାକୁ ପଡିବନି । କେବେକେବେ ଛୁଟି ହେଲେ, ସିଏ

ମାମୁଘର ଗାଁକୁ ଚାଲିଯାଏ । ହେଲେ, ନିଜେ ଜଣେ ଝିଅ ହେବାର ପରିଧି ଭିତରେ ରହେ । ମନେମନେ ଭାବେ ବଡ ହୋଇ ସିଏ ଗୋଟିଏ ପୋଲିସ୍ ଅଫିସର ହେବ, ନହେଲେ ପୋଲିସ୍ ଅଫିସର୍‌ର ସ୍ତ୍ରୀ । ତାହେଲେ, କନିଷ୍ଠ ଭଳି ଲୋକଙ୍କୁ ନେଇ ଜେଲ ଭିତରେ ଢୁକିଦେବ । ପୁଣି ବେଳେବେଳେ ଭାବେ ଗୋଟିଏ ଆଇ.ଏ.ଏସ୍ ଅଫିସର ହେବ । କନିଷ୍ଠକୁ ଧୂଳିସାତ୍ କରିଦେବ । ସେଥିପାଇଁ ପଢାପଢିରେ ଅଧିକ ଧ୍ୟାନ ଦିଏ । ଅନ୍ୟ ଝିଅଙ୍କ ଭଳି ଏଣୁତେଣୁ କଥାରେ ମୁଣ୍ଡ ପୁରାଏନି । ସେଇଥିପାଇଁ ସିଏ ସବୁ ବିଷୟରେ ଭଲ ମାର୍କ ରଖିଲା, ସବୁବେଳେ ଫାଷ୍ଟକ୍ଲାସ୍ ପାଇଲା ଓ ଜେ.ଏନ୍.ୟୁରେ ମାଷ୍ଟରସ୍ କରିବାକୁ ଗଲା । ସେଇଠି ଭେଟହେଲେ ଆଦିତ୍ୟ । ତାପରେ ଆରମ୍ଭହେଲା ପ୍ରେମ, ବିବାହ ଓ ଉଚ୍ଚଶିକ୍ଷା ପାଇଁ ଆମେରିକା ଆଗମନ ।

ଆମେରିକାରେ ଅନେକ ବର୍ଷ ଧରି ଜୀବନ ସଂଘର୍ଷରେ ବ୍ୟସ୍ତ ରହିଗଲା । ମା' ହେବା ପରେ ତନୁଜାର ମନସ୍ତତ୍ତ୍ୱରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥିଲା । ସିଏ ଅଧିକ ଧୈର୍ଯ୍ୟଶୀଳା, ମମତାମୟୀ ଓ ସହୃଦୟୀ ହୋଇଗଲା । ହେଲେ ବି କନିଷ୍ଠକୁ କେବେବି କ୍ଷମା କରିପାରିନଥିଲା । ଆମେରିକାରେ ଅନେକ ନୂଆ ସାଙ୍ଗସାଥୀ ହୋଇଗଲେ । ଜୀବନରେ କେତେ ଯେ ସବୁ ପରିବର୍ତ୍ତନ ଆସିଗଲା, ସେ କଥାର ହିସାବ କରିବାକୁ ବି ସମୟ ମିଳେନି । ସବୁ ଯେମିତି ଯନ୍ତ୍ରବଦ୍ ହୋଇଯାଏ । ସକାଳୁ ଉଠିବା, ନିତ୍ୟକର୍ମ ସାରିବା, ପିଲାଙ୍କୁ ପ୍ରସ୍ତୁତ କରି ସ୍କୁଲ୍ ପଠେଇବା, ନିଜ କାମକୁ ଯିବା, ରୋଷେଇ କରିବା, ଘର ସଫା, ସପ୍ତାହ ଶେଷରେ ବଜାର ସଉଦା, ସାଙ୍ଗସାଥୀ ଓ ସଂପର୍କର ନାନା ଔପଚାରିକତା ପାଳନ କରିକରି ମସ୍ତିଷ୍କ ପୂର୍ଣ୍ଣ ହୋଇଗଲା, ପରିପୂର୍ଣ୍ଣ ହୋଇଗଲା । ପିଲାଦିନ, ବଉଳ, ସେସବୁ କଥା ସ୍ମୃତିରେ ଥାଏ ସିନା, ହେଲେ ସ୍ମୃତିରୁ ବାହାର କରି କିଛିଟା ସମୟ ତା' ସହିତ ବିତାଇବା ପାଇଁ ସମୟ ମିଳେନି ।

ମେରୀଲାଣ୍ଡରେ ଯେଉଁ ଋତୁକୁ ବସନ୍ତ ଋତୁ କୁହାଯାଏ, ସେତେବେଳେ ପ୍ରଥମେ ଟୁଲିପ୍ ଫୁଲ ଫୁଟେ । ତାପରେ ଚେରି ଫୁଲ ଫୁଟି ନିଜର ସୌନ୍ଦର୍ଯ୍ୟ ବିଛାଇଦିଏ । ହେଲେ କିଛିଦିନ ଭିତରେ ହିଁ ସେ ଚେରିଫୁଲ ଆଉ ଫୁଲ ହୋଇ ରହେନି, ପତ୍ରରେ ପରିଣତ ହୋଇଯାଏ । ତାପରେ ଫୁଟେ ଆଜାଲିଆ ଫୁଲ; ଧଳା, ନାଲି, ନୀଳ, ହଳଦିଆ, କେତେ ସବୁ ରଙ୍ଗରେ କିଛିଦିନ ପାଇଁ ସୌନ୍ଦର୍ଯ୍ୟରେ ଭରି ରହେ, ପୁଣି ପତ୍ରରେ ପରିଣତ ହୋଇଯାଏ । ବିଶ୍ୱର ଉଷ୍ଣତା ବୃଦ୍ଧି ପାଇଁ ଏବେ ଆଉ ପ୍ରକୃତିର ଋତୁ ଉପରେ ଆଗଭଳି ନିୟନ୍ତ୍ରଣ ରହୁନି । ତେବେ ବସନ୍ତ ଆସିଲେ, ଫୁଲର ପରାଗ ଆଲର୍ଜି ପାଇଁ ତନୁଜା ଘରେ ବନ୍ଦ ହୋଇ ରହେ, ବାହାରକୁ ବାହାରିବାକୁ ସାହସ କରେନି । ସେତେବେଳେ ତନୁଜାର ନିଜ ଗାଁର ବସନ୍ତ ଋତୁ ମନେପଡେ, ବଉଳ ମନେପଡେ, କୋଇଲିର କୁହୁତାନ ମନେପଡେ ।

ଏବେ ପିଲାମାନେ ସମସ୍ତେ ବଡ ହୋଇଗଲେଣି । ଘର ଛାଡି ନିଜନିଜ ଅଧ୍ୟାପନାରେ ବ୍ୟସ୍ତ । ବୁଲା ଦୁଇମାସ ତଳେ ଫୋନ୍ କରି ଜଣେଇଥିଲା, "କନିଷ୍ଠ ମରିଗଲା ।"

ତନୁଜାର ଆନନ୍ଦ କହିଲେ ନସରେ । କନିଷ୍ଠ ଭଳି ଜଣେ ମଣିଷର ତ ବହୁତ ପୂର୍ବରୁ ମରିବାର ଥିଲା । ତାର ମୃତ୍ୟୁ ପାଇଁ ଈଶ୍ୱରଙ୍କୁ କେତେ ପ୍ରାର୍ଥନା କରିନି ସେ । ବଉଳ ବି ପ୍ରାର୍ଥନା କରିଥିବ ନିଶ୍ଚୟ । ତା' ପାଇଁ ବଉଳ ଅପମାନିତ ହୋଇ ତା' ନିଜ ଗ୍ରାମରୁ ନିର୍ବାସିତ ହେଲା । ତନୁଜା ହାଇସ୍କୁଲରେ ଦୁଇବର୍ଷ କାଳ ବଉଳ ବିନା କଟେଇଲା । ବଉଳ ସହିତ ଏତେ ବର୍ଷର ଦେଖା ନହେବା ବି ସେଇ କନିଷ୍ଠ ପାଇଁ । ଶେଷରେ ତାର ମୃତ୍ୟୁ ହେଲା ।

ଖୁସିରେ ଗଦ୍‌ଗଦ୍ ହୋଇ ତନୁଜା ପଚାରିଲା, "କେମିତି ମଲା ସିଏ ? କଣ ହେଲା ?"

ବୁଲା ଉତ୍ତର ଦେଲା, "ରାତିରେ କଟକରୁ ଗାଁକୁ ଫେରୁଥିଲା । ବାଟରେ ଆକ୍‌ସିଡେଣ୍ଟ ହୋଇଗଲା ।"

ଅନ୍ୟ କାହା କଥା ହୋଇଥିଲେ ତନୁଜା "ଆହା, ଚୁଚୁ" କହିଥାନ୍ତା । କିନ୍ତୁ କନିଷ୍ଠ ଯେ ମଲା, ସେଇ ଘଟଣାରେ ସିଏ ଖୁସି ଥିଲା । ଏବେ ତାକୁ ଗାଁକୁ ଯିବାକୁ ଖରାପ ଲାଗିବନି । ଏବେ ସିଏ ବଉଳର ସାହିକୁ ଯାଇ ଆରାମରେ ବୁଲିପାରିବ । ତାକୁ ଲାଗିଲା ଯେମିତି କନିଷ୍ଠର ଡ୍ରାଇଭର୍ ଭୀମସେନ ସାଜି କନିଷ୍ଠର ଜାନୁ ଭାଙ୍ଗିଛି ଓ ଦୁର୍ଯୋଧନ ଭଳି ଖଳମତି କନିଷ୍ଠର ରକ୍ତରେ ତନୁଜା ତାର ଅଳତା କେଶ ବାନ୍ଧୁଛି ।

ଏମିତି ଭାବୁଥିବାରୁ ତା' ନିଜକୁ ଖରାପ ଲାଗିଲା । ଗାଜାରେ ଯୁଦ୍ଧ ଚାଲିଛି, ପ୍ରତିଦିନ ହଜାରହଜାର ଲୋକ ମରୁଛନ୍ତି । କେତେ ବାଳୁତ ପିଲା ଅନାଥ ହେଉଛନ୍ତି, କେତେ ସ୍ତ୍ରୀ ଲୋକ ବିଧବା ହେଉଛନ୍ତି; କେତେ ଜନନୀ ସନ୍ତାନ ଦୁଃଖରେ ଲୁହ ଢାଳୁଛନ୍ତି । ଯୁଦ୍ଧ ବିରୁଦ୍ଧରେ ତାର ବେଳେବେଳେ ପ୍ରତିବାଦ ଆସେ । ତେବେ ମହାଭାରତର କାହାଣୀ ମନେପକେଇ ସିଏ ଯେତେବେଳେ ଦ୍ରୌପଦୀଙ୍କୁ ଭାବେ, ସେତେବେଳେ ମହାଭାରତ ଯୁଦ୍ଧ ବିରୁଦ୍ଧରେ ତାର ପ୍ରତିବାଦ ଉଠେନି, ବରଂ ଯୁଦ୍ଧ ସପକ୍ଷରେ ଅସ୍ତ୍ର ତୋଳିଧରିବାକୁ ତା' ମନରେ ଜାଗରଣ ସୃଷ୍ଟି ହୁଏ ।

କନିଷ୍ଠର ମୃତ୍ୟୁରେ ସିଏ ସତରେ ଖୁସି ଥିଲା । ତେଣୁ ଆସନ୍ତା ଫେବୃୟାରୀ ମାସରେ ଓଡିଶା ଗଲେ ଗାଁକୁ ଯାଇ ପାଞ୍ଚଦିନ ରହିବ ବୋଲି ମନେମନେ ସ୍ଥିର କରି ନେଲା । କନିଷ୍ଠ ବିନା ଗାଆଁଟା ତାକୁ ବହୁତ ଭଲ ଲାଗିବ ।

ବଉଳ ସହିତ ଭେଟ ହୁଅନ୍ତା କି ?

ହେଲେ ବଉଳ ଏବେ କୋଉଠି ଥିବ ?

